

Digitized by srujanika@gmail.com

ପ୍ରଫେସର ଦାସଙ୍କର ଅନେକ ଜାତୀୟ, ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ବହୁ ଗବେଷଣାତ୍ମକ ନିବନ୍ଧକୁ ବାଦ ଦେଲେ ଏଯାବତ୍ ପ୍ରକାଶିତ ପୁସ୍ତକଗୁଡ଼ିକ ହେଲା–

- ଶୂନ
- Zero is a Sprititual Number
- ଭାଷା ନୁହେଁ କି ଗଣିତ

ଏବଂ

ବୁଦ୍ଧଙ୍କର ମାର୍ଗଦର୍ଶନ ଉପରେ ପର୍ଯ୍ୟବେଶିତ ଗବେଷଣାତ୍ମକ ନିବନ୍ଧ ପୁସ୍ତକ 'ମଧ୍ୟମ ମାର୍ଗ' ପ୍ରକାଶନ ଅପେକ୍ଷାରେ

Digitized by srujanika@gmail.com

ମୋ ଗାଁ
ମୋ ଜନ୍ମ
ମୋ ମନ

ରଚନା
ପ୍ରଫେସର ଗୋକୁଳାନନ୍ଦ ଦାସ

ଅରୋଶ୍ରୀ ପବ୍ଲିକେଶନ
ଆଇଆରସି ଭିଲେଜ, ଭୁବନେଶ୍ୱର-୧୫

Digitized by srujanika@gmail.com

ମୋ ଗାଁ ମୋ ଜହ୍ନ ମୋ ମନ

MO GOAN MO JANHA MO MANA

ରଚନା : **ପ୍ରଫେସର ଗୋକୁଳାନନ୍ଦ ଦାସ**
୧୭୭, ଧର୍ମ ବିହାର, ଭୁବନେଶ୍ୱର-୭୫୧୦୩୦
ଦୂରଭାଷ : ୯୪୩୭୦୩୫୧୨୧
Author : **Prof. Gokulananda Das**
177, Dharm Bihar, Bhubaneswar-751030
Mobile : 9437035121

ପ୍ରକାଶକ : ଅରୋଶ୍ରୀ ପବ୍ଲିକେଶନ
ପ୍ଲଟ୍ ନଂ.- ୩୫୩/୪୪, ଜୟଦେବ ବିହାର,
ଭୁବନେଶ୍ୱର-୭୫୧୦୧୩
*Publisher : **Auroshree Publication***
Plot No. - 353/44, Jayadev Vihar,
Bhubaneswar-751013

ପ୍ରଚ୍ଛଦ ଶିଳ୍ପୀ : ଡି.ବି. ରାଓ

Cover Design : D.B. Rao

ପ୍ରଥମ ସଂସ୍କରଣ : ୨୦୧୭
First Edition : 2017

ଅକ୍ଷରସଜ୍ଜା ଓ ମୁଦ୍ରଣ : ଅରୋପ୍ରଭା ପ୍ରିଣ୍ଟର୍ସ
ଏନ୍-୩/୧୪, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୧୫
Printed at : Auroprava Printers
N-3/14, IRC Village, Bhubaneswar-15

ମୂଲ୍ୟ : ଟ ୧୫୦
Price : ₹ 150

Digitized by srujanika@gmail.com

ଉତ୍ସର୍ଗ

ପ୍ରାୟ ଦୁଇକୋଡ଼ି ଦଶ ବର୍ଷ ତଳେ
ବହଡ଼ିହ ପାହାଡ଼ର ପାଦ ଛୁଇଁ ବହି ଯାଉଥିବା
ବିରୂପା ନଈରେ ସ୍ନାନରତା
ନାନପୁରର ଯେଉଁ ଝିଅଟିକୁ ଆବିଷ୍କାର କରିଥିଲି,
ତା'ରି ହାତରେ... ।

-କବି

Digitized by srujanika@gmail.com

ଅଭିମତ

କବି ପେଶାରେ ଜଣେ କୃତବିଦ୍ ଗଣିତ ଅଧ୍ୟାପକ ଓ ଗବେଷକ । ଅମୂର୍ତ୍ତ ସଂକେତ ବ୍ୟବହାର କରି ଗାଣିତିକ ସର୍ଜ୍ଜନାରେ ନିଜର ଦକ୍ଷତା ସାବ୍ୟସ୍ତ କରିବାର ଦୀର୍ଘ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଯେ ନିଜର ଅନୁଭୂତି ଓ ଆବେଗର ଏକ କାବ୍ୟିକ ଅଭିବ୍ୟକ୍ତି ସମାନ୍ତରାଳ ଭାବେ ଚାଲିଥିଲା ତା'ର ପ୍ରମାଣ ହେଉଛି ଏହି କବିତା ସଂକଳନ । ଯଦିଓ ସେ ବାରମ୍ବାର ଦଂଶିତ ହେବାର ସୂଚନା ମିଳୁଛି 'କ'ଣ ଲେଖିବି' କବିତାରେ, ତଥାପି ୫୫ଟି କବିତା ଦ୍ୱାରା ସଜ୍ଜିତ ଏହି ସଂକଳନଟିରେ ପ୍ରତିଫଳିତ ହୋଇଛି ଅନୁଭୂତିର ବ୍ୟାପକ ବିବିଧତା– କେଉଁଠି ଜଗନ୍ନାଥଙ୍କୁ ଭକ୍ତି ନିବେଦନ ତ କେଉଁଠି ନାରୀ ସୌନ୍ଦର୍ଯ୍ୟର ସମ୍ମୋହନକାରୀ ବର୍ଣ୍ଣନା, କେଉଁଠି ଆଧ୍ୟାତ୍ମିକତାର ସ୍ୱର ତ କେଉଁଠି ଦୈହିକତାର ରୋମାଞ୍ଚ । ଏହାରି ଭିତରେ ଖୁବ ମର୍ମସ୍ପର୍ଶୀ ହୋଇଛି କବିଙ୍କ ନିଜର ମାଟି ସହ ନିବିଡ଼ତାର ଅଭିବ୍ୟକ୍ତି । 'କଟକୀ ବୁଢ଼ୀ' ହେଉ ବା 'ମୋ ଗାଁ ଜହ୍ନ' ହେଉ ନିଜ ମାଟିକୁ ଭଲପାଇବାର ଗଭୀରତା ବେଶ ସ୍ପଷ୍ଟ । "ମୋ ଗାଁ ଜହ୍ନ / ଉଏଁ ଯଦି ଅନ୍ୟ କେଉଁ ଆକାଶରେ /... ଚାହିଁବାକୁ ବଳେନାହିଁ ମନ / ଭାରି ଫିକା ଦିଶେ / ପରଦେଶ ଜହ୍ନ" ପଂକ୍ତିଟିରେ କବିଙ୍କ ଆବେଗ ତ ମନେପକାଇ ଦିଏ ସଚ୍ଚି ରାଉତରାୟଙ୍କର ଅମର ପଂକ୍ତି, "ଛୋଟ ମୋର ଗାଁ ଟି / ଭୁଗୋଳ ପୋଥି ପତରେ ତା'ର ନ ଥାଉ ପଛେ ନାଁ ଟି ।"

ବୋଧହୁଏ ଏହି ଆବେଗର ତୀବ୍ରତା ଅଧିକ ବାରି ହୋଇଯାଏ କବିଙ୍କର ନୈରାଶ୍ୟରେ, ଯେତେବେଳେ ସେ ଲେଖନ୍ତି–"ଭାବିଥିଲି ମୋ ଗାଁ ଭୂଇଁ ସବୁଠୁଁ ସୁନ୍ଦର / ଗଢ଼ିବି ମୁଁ ସେଠି / ମନଲାଖି ସ୍ୱପ୍ନପୁରୀ / ଏକାନ୍ତ ନିଜର / ଯେଉଁଠି ମୁଁ ଶୁଣୁ ଶୁଣୁ ଗୀତ କାକଳୀର / ଫେରିଯିବି ହଜିଲା ଦିନକୁ । ଭାଙ୍ଗିଯାଏ ସ୍ୱପ୍ନ / ହଠାତ୍ ମୁଁ ଆବିଷ୍କାର କରେ / ଜୀବନର କ୍ଳାନ୍ତ ଅପରାହ୍ନେ / ଅଭିମନ୍ୟୁ ପରି ଅବତୀର୍ଣ୍ଣ / ଚକ୍ରବ୍ୟୂହ ଗର୍ଭେ; / ଆଉ,

Digitized by srujanika@gmail.com

ମୋର ଚାରିପାଶେ ଛଳନାର ସପ୍ତରଥୀ ।" ଗାଁକୁ ଭଲ ପାଉଥିବା, ତା'ରି କୋଳରେ ଏକଦା ବଢିଥିବା ବ୍ୟକ୍ତିର ଉତ୍ତର ଜୀବନର ନୈରାଶ୍ୟକୁ ପ୍ରତିଧ୍ୱନିତ କରୁଛି ଏହି ପଦ କେତୋଟି । ଏହି ସଂକଳନର ଅନେକ କବିତାରେ ମୁଖ୍ୟ କଥାବସ୍ତୁ ହେଉଛି ନାରୀ ଓ ତାହାର ବିଭିନ୍ନ ବିଭବ ଦ୍ୱାରା ସମ୍ମୋହିତ କବିଙ୍କର ଅକୃତ୍ରିମ ଅଭିବ୍ୟକ୍ତି । ଯେପରି 'ଭଲ ପାଏ' କବିତାରେ କବି ନିଃସଙ୍କୋଚ କୁହନ୍ତି, "ମୁଁ ଭଲ ପାଏ / ଲାସ୍ୟମୟୀ କମନୀୟ ନାରୀ / ତା'ର ଦରଫୁଟା ହସ, / ଢଳଢଳ ଆଖି / କିନ୍ତୁ ଝାଉଁଳେଇବାକୁ / ମନ ଯାଏନାହିଁ ।" ନାରୀ କେବଳ ଭୋଗ୍ୟା ନୁହେଁ ବରଂ ତାଙ୍କ ଦୃଷ୍ଟିରେ ସେ "ଏକ କବିତା/ ଛନ୍ଦମୟୀ ଖରସ୍ରୋତା ତଟିନୀ /.../ସ୍ନେହର ପ୍ରତୀକ/ଅମୃତର ପ୍ଲାବନୀ /ପ୍ରିୟା ଓ ଜନନୀ /ଭଗିନୀ ଅବା ଯୋଗିନୀ ।" (ପ୍ରକୃତି ଓ ନାରୀ) । ତେଣୁ ସେ ସ୍ୱାଭାବିକ କ୍ଷୁବ୍ଧ ଦ୍ରୌପଦୀଙ୍କ ପ୍ରତି ଦୁଃଶାସନର ବ୍ୟବହାରରେ ଓ ଏହି କ୍ଷୋଭର ତୀବ୍ର ସ୍ୱର ପ୍ରତିଧ୍ୱନିତ ହୁଏ 'ଦ୍ରୌପଦୀ ଗୋ ବେଣୀ ବାନ୍ଧନା' କବିତାରେ । କବିତାରେ ଉପମା, ରୂପକଳ୍ପ, ମିଥ୍ ବା ପୁରାଣ କଥାର ବ୍ୟବହାର କବିତାର ଓଜନ ବଢ଼ାଇଥାଏ, ବିଶେଷତଃ ସାହିତ୍ୟ ସମାଲୋଚକଙ୍କ ଦୃଷ୍ଟିରେ । କେବଳ କଥାବସ୍ତୁ କବିତା ନୁହେଁ, କିପରି କଥାବସ୍ତୁଟିକୁ ପରିବେଷଣ କରାଯାଉଛି ତାହା ହିଁ କବିତା । ଶୈଳୀ ହିଁ କବିତାର ସୌନ୍ଦର୍ଯ୍ୟ । ଏହି ସଂକଳନରେ ସ୍ଥାନିତ କବିତାଗୁଡ଼ିକରେ, ଛତ୍ରେ ଛତ୍ରେ, ଉପମା, ରୂପକଳ୍ପ, ମିଥ୍ ବା ପୁରାଣ କଥାର ବ୍ୟବହାର ହୋଇଥିବାର ଦେଖଯାଏ, କଟକର ପ୍ରାଚୀନତା 'ବୁଢୀ' ରୂପକଳ୍ପର ପ୍ରୟୋଗ ଦ୍ୱାରା ଜୀବନ୍ତ ହୋଇଉଠେ । 'ମୁଁ ଅର୍ଜୁନ କହୁଛି'ରେ 'ପାଞ୍ଚଭାଇର ଦୂରତ୍ୱ' ନ ଥିବା କୁରୁକ୍ଷେତ୍ରକୁ ସ୍ୱର୍ଗ ଅପେକ୍ଷା ଅଧିକ କାମ୍ୟ ବୋଲି କୁହାଯାଏ । ଭାବକୁ କବିତାରେ ପ୍ରକାଶ କରିବା ତାଙ୍କ ପାଇଁ 'ଅନୁଭବମାନଙ୍କୁ ଶିକାର କରିବା' ସଦୃଶ ଯେତେବେଳେ 'ଶବ୍ଦମାନେ ହୁଅନ୍ତି ବିସ୍ମୃତ / ହତଜ୍ଞାନ ହୁଏ କର୍ଣ୍ଣ ପରି, / ଅନୁଭବମାନେ ହୁଅନ୍ତି ବିଲୁପ୍ତ / ଜଳହୀନ ତଟିନୀରେ ମତ୍ସ୍ୟର ଚିତ୍କାର / ଘୋଷଣା କରନ୍ତି କବିତ୍ୱର ଅପମୃତ୍ୟୁ'; ଅନୁଭବର କାବ୍ୟିକ ଅଭିବ୍ୟକ୍ତି ପାଇଁ ସଠିକ ଶବ୍ଦର ସନ୍ଧାନବେଳେ କବିର ଅସହାୟତା ଭିତରେ ହୁଏ 'କବିତ୍ୱର ଅପମୃତ୍ୟୁ' ।

କବିତା ଲେଖିବାର ସମସ୍ତ ସଂଘାତରେ ନିମଜ୍ଜିତ କବି ତାଙ୍କର ଏ ସମସ୍ତ କବିତା ପାଇଁ ନିଜେ ଶ୍ରେୟ ନେବା ପାଇଁ କୁଣ୍ଠିତ । ତାଙ୍କ ଦୃଷ୍ଟିରେ ପ୍ରକୃତ କବି ହେଉଛି ପ୍ରକୃତି, ସେ ସବୁ ଲେଖି ସାରିଛି, କବି କେବଳ ଲେଖିବାର 'ପ୍ରତାରଣା' କରୁଛି । ହୁଏତ କେହି ଗତାନୁଗତିକ କବି ପ୍ରଫେସର ଦାସଙ୍କ ସହ ଏକମତ ହେବେନାହିଁ ଯେ 'କବି ଏକ ପ୍ରତାରକ' । କିନ୍ତୁ ଏପରି ପରିଭାଷା ଯେ ନିଆରା, ଏହାକୁ ଅସ୍ୱୀକାର କରିହେବ ନାହିଁ ।

Digitized by srujanika@gmail.com

ଏପରି ଅପ୍ରିୟ ସିଧାସଳଖ ପ୍ରୟୋଗ ପାଇଁ ସାହସର ଉତ୍ସ କ'ଣ କବି ପ୍ରଫେସର ଦାସଙ୍କର ଗାଣିତିକର ପୃଷ୍ଠଭୂମି ? ଏହି ପ୍ରଶ୍ନ ଦ୍ୱାରା ଦଂଶିତ ପାଠକ କିନ୍ତୁ ସଂକଳନରେ ସ୍ଥାନିତ କବିତାରେ ପ୍ରକଟିତ ସ୍ନେହ, ପ୍ରେମ ଓ ସମୟର କଥାରେ ଏକ ଭିନ୍ନ ସ୍ୱାଦ ଉପଭୋଗ କରିବ, ଏହା ଆଶା କରାଯାଇପାରେ । ଆଶା ମଧ୍ୟ କରାଯାଇପାରେ ପାଠକର ସହାନୁଭୂତି କବିଙ୍କର ଅପୂର୍ଣ୍ଣ ଇଚ୍ଛାଗୁଡ଼ିକ ପ୍ରତି, ଯାହା ପ୍ରତିଫଳିତ ହୋଇଛି 'ଏତେ ସ୍ୱପ୍ନକୁ ରାତି କାହିଁ' କବିତାରେ, ଏହି ଧାଡ଼ିଗୁଡ଼ିକରେ : 'ଆକାଶ ଛୁଆଁ କଳ୍ପନା / ରଙ୍ଗୀନ ଯୋଜନା / ଇଚ୍ଛା ହୁଏ / ଉଡ଼ି ଉଡ଼ି ପରୀ ଧରିବାକୁ / ସାତତାଳ ପଙ୍କ ଭିତରେ / ଫରୁଆରେ ବନ୍ଦୀ / ରାଜକୁମାରକୁ ମୁକ୍ତ କରିବାକୁ / କିନ୍ତୁ ହାୟ ! / ଏତେ ସ୍ୱପ୍ନକୁ ରାତି କାହିଁ ?'

ବୀରେନ୍ଦ୍ର ନାୟକ

Digitized by srujanika@gmail.com

ମୁଖବନ୍ଧ

ଖୁବ୍ କମରେ ବହୁତ କଥା କହିହୁଏ କବିତାରେ; ଆଉ ଗଣିତ, ସଙ୍କେତରେ । ଅଯଥା କଥା ଏ ଦୁହିଁଙ୍କୁ ଶ୍ରୀହୀନ କରିଦିଏ । କେହି କେହି କୁହନ୍ତି, ଗଣିତ ପ୍ରେମୀମାନଙ୍କଠାରେ କବି ପ୍ରାଣର ଅନୁଭୂତି ଥାଏ । ଏହାର କାରଣ ହୁଏତ ହୋଇପାରେ ଗଣିତ, କବିତା ଓ ସଙ୍ଗୀତ ମଧ୍ୟରେ ଥିବା ସମ୍ପର୍କର ଶୃଙ୍ଖଳାଗତ ନିବିଡ଼ତା । ତିନୋଟି ବିଭାଗର ତିନୋଟି ଶୃଙ୍ଖଳା ବା ବ୍ୟାକରଣ ଥାଏ । ତିନି ଶୃଙ୍ଖଳା ମଧ୍ୟରେ ସମନ୍ୱୟ ରକ୍ଷା ହୋଇଥାଏ । ସଙ୍ଗୀତରେ ସ୍ୱର-ଲୟ-ତାଳ ଏକ ଶୃଙ୍ଖଳା । କୌଣସି ଗୋଟିକର ଅଭାବ ହେଲେ ସଙ୍ଗୀତ ହୁଏ ବେସୁରା ।

କବିତା ଆବୃତ୍ତିରେ ମଧ୍ୟ ଆବଶ୍ୟକ ଏହି ପ୍ରକାର ଶୃଙ୍ଖଳା । ଗଣିତର ଉପସ୍ଥାପନା ଶ୍ରେଣୀରେ ହେଉ ବା ସମ୍ମିଳନୀରେ ହେଉ ତାହା ଯଦି ସରସ୍ୱତୀଙ୍କ ବୀଣା ପରି ମଧୁମୟ ହୁଏ ବା ଗଣେଶଙ୍କ ଲଡୁ ପରି ସ୍ୱାଦଯୁକ୍ତ ହୁଏ ତାହାହେଲେ ଗଣିତ ବୋଧଗମ୍ୟ ଓ ଗ୍ରହଣୀୟ ହୁଏ । ଏହି ସମନ୍ୱୟ ରକ୍ଷା ବାହ୍ୟ ଜଗତରେ ସମସ୍ତଙ୍କୁ ପରିସ୍ଫୁଟ ନ ହେଲେ ମଧ୍ୟ ଏହା ଅନ୍ତର୍ଦୃଷ୍ଟିରେ ସ୍ପଷ୍ଟ ।

ଏହା ପ୍ରାୟ ଜଣା ଯେ ଗଣିତ ହେଉଛି ଏକ ଭାଷା । କିନ୍ତୁ ଭାଷା ଯେ ଗଣିତ ଏହା ହୁଏତ ସମସ୍ତେ ଜାଣି ନ ଥିବେ । କବିତା ଭାଷାରେ ପ୍ରକଟିତ, ସଙ୍ଗୀତ ମଧ୍ୟ ଭାଷାରେ ପ୍ରକଟିତ । ଭାଷା ହେଉଛି ଗଣିତ । ତାହାହେଲେ ହୋଇପାରେ କି ଯେ ଗଣିତ, କବିତା ଓ ସଙ୍ଗୀତ ଗୋଟିଏ ଡୋରିରେ ବନ୍ଧା ?

ସ୍ୱନାମଧନ୍ୟ ଗ୍ରୀକ୍ ଗଣିତଜ୍ଞ ପିଥାଗୋରାସ୍ ସଙ୍ଗୀତ ପ୍ରେମୀ ଥିଲେ । ସଙ୍ଗୀତକୁ ବ୍ୟାଖ୍ୟା କରିବା ନିମନ୍ତେ ସେ ପାଟୀଗଣିତ ବ୍ୟବହାର କରୁଥିଲେ । ଜଣେ କମାର ଉତ୍ତପ୍ତ ଲୁହାକୁ ବିଭିନ୍ନ ଭାବରେ ପିଟିବା ସମୟରେ ଯେଉଁ ଶବ୍ଦ ସୃଷ୍ଟି ହେଉଥିଲା, ସେଇ ଶବ୍ଦମାନଙ୍କ ମଧ୍ୟରେ ପିଥାଗୋରାସ୍ ଶୁଣି ପାରୁଥିଲେ ସଙ୍ଗୀତ ଓ ସେହି ସ୍ୱରରୁ ସେ ଉଦ୍ଭାବନ କଲେ ବଂଶୀପରି ଏକ ବାଦ୍ୟଯନ୍ତ୍ର ।

Digitized by srujanika@gmail.com

ଆର୍କିଟାକ୍ (ଖ୍ରୀ.ପୂ. ୪୨୮-୩୪୭) ଥିଲେ ଜଣେ ଗ୍ରୀକ୍ ରାଜନେତା, ଦାର୍ଶନିକ ଓ ଗଣିତଜ୍ଞ । ସେ ଗଣିତ ଓ ସଙ୍ଗୀତ ମଧ୍ୟରେ ଅପୂର୍ବ ସଂଯୋଗ ପ୍ରତି ନିର୍ଦ୍ଦେଶ କରି କହିଲେ, "ସଙ୍ଗୀତ ହେଉଛି ଗତିରେ ଥିବା ସଂଖ୍ୟା" ("numbers in motion") । ମଧ୍ୟଯୁଗୀୟ ଜର୍ମାନ୍ ଗଣିତଜ୍ଞ ଲାଇବନିଜ ବୋଧହୁଏ ଆଉ ପାଦେ ଆଗେଇ ଗଲେ, ଯେତେବେଳେ ସେ କହିଲେ, "ସଙ୍ଗୀତ ହେଉଛି ଗୋପନ ହିସାବ ଯାହା ଆତ୍ମା କରୁଥାଏ ନ ଜାଣି ଯେ ସଂଖ୍ୟା ଗଣୁଛି ।" ଗଣିତଜ୍ଞ ଓ୍ୟାରଷ୍ଟ୍ରାସଙ୍କ ମତରେ– "ଏହା ସତ୍ୟ ଯେ ଯେଉଁ ଗଣିତଜ୍ଞ ଏକପ୍ରକାର କବି ନୁହେଁ, ସେ ଏକ ପୂର୍ଣ୍ଣାଙ୍ଗ ଗଣିତଜ୍ଞ ନୁହେଁ ।" ବିଖ୍ୟାତ ଗଣିତଜ୍ଞ ଓ ଦାର୍ଶନିକ ବ୍ରଟ୍ରାଣ୍ଡ ରସେଲ୍ ତାଙ୍କର ପୁସ୍ତକ "Mysticism and Logic" ପୁସ୍ତକରେ କୁହନ୍ତି–"ଗଣିତରେ ଆନନ୍ଦ ମନୁଷ୍ୟକୁ ତା'ର ଅନୁଭବରୁ ବହୁ ଉର୍ଦ୍ଧ୍ୱକୁ ନେଇଯାଏ, ଯେପରି କବିତା ନେଇଯାଇଥାଏ ।" ପ୍ରଫେସର ଜି.ଏଚ୍. ହାର୍ଡି, ଯେ ରାମାନୁଜନଙ୍କୁ ଅନ୍ଧାର ମଧ୍ୟରୁ ଆଲୋକକୁ ଆଣିଥିଲେ, ତାଙ୍କ ମତରେ–"ସୌନ୍ଦର୍ଯ୍ୟ ହେଉଛି ପ୍ରଥମ କଷଟି; ଅସୁନ୍ଦର ଗଣିତ ଚିରସ୍ଥାୟୀ ନୁହେଁ ।"

ରେଭେନ୍ସା କଲେଜର ମୁଖ୍ୟ ଗଣିତ ଅଧ୍ୟାପକ ପ୍ରଫେସର ରମାନାଥ ମହାନ୍ତି ଜଣେ ବିଶିଷ୍ଟ ଗଣିତଜ୍ଞ । ସେ ମୋତେ ପଢ଼ାଇଥିଲେ । ତାଙ୍କର ପଢ଼ାଇବାର ଶୈଳୀ ଚମତ୍କାର । ତାଙ୍କର ପଢ଼ାଇଥିବା ପାଠ ମୋ ମନରେ ଲିପିବଦ୍ଧ ହୋଇ ରହିଛି । ସେ ପାଠ ଅଲିଭା । ପ୍ରଫେସର ମହାନ୍ତି ସଙ୍ଗୀତ ପ୍ରିୟ; ତବଲା ବାଦନ କରନ୍ତି । କବିତା ଲେଖନ୍ତି । ତାଙ୍କର ଏକ କବିତାର ଶୀର୍ଷକ–"ନୀରବେ ନୀରବେ ବନ୍ଦେ" । ତାଙ୍କ ମତରେ ଯେଉଁ କବିତା କ୍ଲିଷ୍ଟ ତାହା କବିତା ନୁହେଁ । ଯେଉଁ କବିତାକୁ ଗାୟାଳ ପିଲାମାନେ ସ୍ୱଚ୍ଛନ୍ଦରେ ସ୍ୱର ଦେଇ ବୋଲି ପାରୁଥିବେ ତାହାହିଁ କବିତା । ମୁଁ ଓ ବୀରେନ୍ଦ୍ର ତାଙ୍କ ପାଖକୁ ଯାଉଥିଲୁ ଆଳାପ କରିବାକୁ । ଏହି ପ୍ରସଙ୍ଗରେ ସେ ଏହି କଥା କହିଥିଲେ ।

ପ୍ରଫେସର ହାର୍ଡିଙ୍କର ଗଣିତଗୁଡ଼ିକ ଯେପରି ସୁନ୍ଦର, ପ୍ରଫେସର ରମାନାଥ ମହାନ୍ତିଙ୍କର ଗଣିତ ମଧ୍ୟ ସେହିପରି ସୁନ୍ଦର । ଥରେ ମୁଁ ତାଙ୍କୁ କହିଲି, "ଆପଣ ଏହି ଉପପାଦ୍ୟ କଲେ ଆଉ ତାହାକୁ ବଢ଼ାଇଲେ ନାହିଁ କାହିଁକି (ଯାହା ପ୍ରଫେସର ତ୍ରିବିକ୍ରମ ପତି କରିଥିଲେ) ?" ସେ କହିଲେ, "ଏହାଦ୍ୱାରା କେବଳ ବୀଜଗାଣିତିକ ଜଟିଳତା ବୃଦ୍ଧି ପାଇବ । ପ୍ରଫେସର ତ୍ରିବିକ୍ରମ ପତି, ସ୍ୱନାମଧନ୍ୟ ଗଣିତଜ୍ଞ ଓ ମୋର ଗବେଷଣା ଗୁରୁ, ଜଣେ କବି ଓଡ଼ିଆ ଭାଷାରେ ଓ ସଂସ୍କୃତରେ ଶ୍ଳୋକ ରଚନା କରିବାରେ ।"

ଦକ୍ଷ ଶିଳ୍ପୀଟିଏ ନିହାଣ ମୁନରେ ପାଷାଣ ବୁକୁରେ ସୃଷ୍ଟି କରେ ପ୍ରାଣ ସଞ୍ଚାର କରୁଥିବା ଜୀବନ୍ତ ମୂର୍ତ୍ତି, ଯାହାକୁ ଦେଖିଲେ ଅନୁଭବ କରିହୁଏ ଯେପରି ତା' ମୁଖରୁ ଝରି

Digitized by srujanika@gmail.com

ପଡୁଛି କବିତା; ଯେପରି ସିନେମା ନିର୍ଦ୍ଦେଶକ ଭି. ସାନ୍ତାରାମଙ୍କ ସିନେମା : "ଗୀତ୍ ଗାୟା ପଥରୋନେ"ରେ ପ୍ରତିଫଳନ ହୋଇଛି ।

ପ୍ରତ୍ୟେକ କଳା, ପଥରରେ ହେଉ ବା ଗଣିତରେ ଅବା କବିତା କିମ୍ୱା ସଙ୍ଗୀତରେ ହେଉ ତାହା ସଦାସର୍ବଦା ପରିପୂରକ ଓ ଏମାନଙ୍କର ଅନ୍ତର୍ନିହିତ ସତ୍ତା ବା ଶୃଙ୍ଖଳା ଯାହା ମଧ୍ୟରେ ବହୁଥାଏ ଅନନ୍ୟ ଅନ୍ତଃସ୍ୱର, ଏକ ଅନ୍ତଃସଲୀଳା ନିର୍ଝରିଣୀ ।

କବିତା ଯେ କୌଣସି ମୁହୂର୍ତ୍ତରେ ଆସିଥାଏ ବିନା ନିମନ୍ତ୍ରଣରେ । ଏହା ଅପେକ୍ଷା କରେନାହିଁ କୁଆରିଆ ସମୁଦ୍ର ଉପକୂଳକୁ ବା ଜ୍ୟୋତ୍ସ୍ନାବିଧୌତ ରଜନୀରେ ମଳୟର ମୃଦୁ ଗୁଞ୍ଜରଣକୁ । କର୍ମ ଜଞ୍ଜାଳ ବ୍ୟସ୍ତତା ମଧ୍ୟରେ ବା ରାତ୍ରିର ନିଝୁମ୍ ରାତିରେ କବିତା ଧସେଇ ପଶେ ମନଗହନର ନିଭୃତ କୋଣରେ, ଶବ୍ଦମାନଙ୍କ ସହିତ ଲୁଚକାଳି ଖେଳି ଖେଳି ଝରିଆସେ କଲମ ମୁନରେ; ବେଳେବେଳେ ଖସିଯାଏ, ଧରା ପଡ଼େନାହିଁ । ଠିକ୍ ସେହିପରି ସଙ୍ଗୀତ ଓ ଗଣିତ ମଧ ମନକୁ ଛୁକେ ଗାଧୁଆ ତୁଠରେ ବା ଯାତ୍ରା ରଙ୍ଗମଞ୍ଚରେ ।

ମୋର ବ୍ୟକ୍ତିଗତ ଅନୁଭବ ଯେ ନିଜର ରକ୍ତଚାପକୁ ନିୟନ୍ତ୍ରଣ କରେ ଗଣିତ, କବିତା ଓ ସଙ୍ଗୀତ, ଏହା ମଧ ଏକ ଏକ ଯୋଗ, ଯାହା ସ୍ଥିତପ୍ରଜ୍ଞ ମନରୁ ହିଁ ନିର୍ଗତ ହୁଏ ଓ ସମାଧି (Thoughtless)କୁ ପ୍ରସାରିତ ହୁଏ । ଲକ୍ଷ୍ୟ କରିଥିବେ ଯେ ଏକାଗ୍ରତା ପାଇଁ ଯୋଗ ସମୟରେ ଏକ ଲଘୁ ସ୍ୱରରେ ସଙ୍ଗୀତ ଲହରୀ ତୋଳିବାର ଆଶ୍ରୟ ନିଆଯାଏ; ଏହା ମଧ ଗଣିତ ପାଇଁ ଆବଶ୍ୟକ ହୁଏ । ସଙ୍ଗୀତର ଏ ଲଘୁ ଲହରୀ ଯେପରି ଏକ ଲତା ପରି ବ୍ୟବହୃତ ହୁଏ ଯାହା ମାଧ୍ୟମରେ ଗଣିତ, କବିତା, ଯୋଗ ପାହାଚ ଚଢ଼ି ଚଢ଼ି ଉପରକୁ ଉଠିଥାଏ ।

ଏହି ପୁସ୍ତକରେ ସ୍ଥାନ ପାଇଥିବା କବିତାଗୁଡ଼ିକ ପ୍ରାୟ ଦୁଇ ଦଶନ୍ଧି ପୂର୍ବର । 'ନିନି'ର ଅନେକ ଅବଦାନ ଏହି କବିତାମାନଙ୍କୁ କେନ୍ଦ୍ର କରି ।

ବାଣୀବିହାର ଗଣିତ ବିଭାଗରେ ମୋର ପ୍ରିୟ ଛାତ୍ର ସୂର୍ଯ୍ୟ ଅଧ୍ୟୟନ କରୁଥିବା ସମୟରେ 'ୱାଲ୍ ମାଗାଜିନ୍'ରେ ପ୍ରକାଶିତ ହୋଇଥିବା 'ତୃତୀୟ ପାହାଚ' କବିତାକୁ ସେ ସଂରକ୍ଷିତ କରି ରଖିଥିଲା । ତାହା ଏହି ପୁସ୍ତକରେ ସ୍ଥାନ ପାଇଛି । ଏ ପୁସ୍ତକର ନାମକରଣ କରିଛନ୍ତି ଶ୍ରଦ୍ଧେୟ ଆଶିଷ । ଏହି ପୁସ୍ତକ ପ୍ରକାଶନରେ ସୂର୍ଯ୍ୟ ଓ ଆଶିଷର ଯଥେଷ୍ଟ ସହଯୋଗ ଥିବାରୁ ସେମାନଙ୍କୁ ବିଶେଷ ଧନ୍ୟବାଦ ।

ଦୋଳପୂର୍ଣ୍ଣିମା
ଧର୍ମବିହାର, ଖଣ୍ଡଗିରି

ଗୋକୁଳାନନ୍ଦ ଦାସ

Digitized by srujanika@gmail.com

ସୂଚୀପତ୍ର

୧.	ନିମନ୍ତ୍ରଣ	୧୩
୨.	ପୁରୁଷୋତ୍ତମ	୧୪
୩.	କେମିତି କହିବି ତାକୁ ଠାକୁର	୧୫
୪.	ଗଣିତ ରାଣୀ	୧୭
୫.	ପ୍ରଥମ ଚୁମ୍ବନ	୧୯
୬.	ଦ୍ୱିତୀୟ ଚୁମ୍ବନ	୨୨
୭.	ଅଭିମାନିନୀ	୨୪
୮.	ଅସଂଜତ	୨୮
୯.	ଜର	୨୯
୧୦.	ହୋଲି	୩୧
୧୧.	ଘର ଦେଇ	୩୩
୧୨.	ବୈଷ୍ଣବ ଓ ବୈଷ୍ଣବୀ	୩୪
୧୩.	ପାନ	୩୭
୧୪.	ଦୀପାବଳୀ	୩୯
୧୫.	କଳାଢାଇ	୪୦
୧୬.	ଫ୍ରିଜ୍	୪୩
୧୭.	ପ୍ରଥମ ଜନ୍ମଦିନ	୪୬
୧୮.	ଅର୍ଦ୍ଧାବୃତା	୪୮
୧୯.	ବୁଢ଼ା	୫୧
୨୦.	ବିଳମ୍ବିତ ସ୍ୱାଗତ	୬୨
୨୧.	ଦ୍ରୌପଦୀ ଗୋ ବେଣୀ ବାନ୍ଧନା	୬୩
୨୨.	କ'ଣ ଲେଖିବି	୭୧
୨୩.	ଚମ୍ବଲରେ ସୂର୍ଯ୍ୟାସ୍ତ	୭୪
୨୪.	ଗଣିତ	୭୭
୨୫.	ପ୍ରତୀକ୍ଷା	୭୮
୨୬.	ବିଦ୍ରୋହ	୭୯
୨୭.	ଆତଙ୍କବାଦୀ	୮୨

Digitized by srujanika@gmail.com

୨୮.	କଟକୀ ବୁଢ଼ୀ	୮୭
୨୯.	ପରୀକ୍ଷା	୯୨
୩୦.	ଜନ୍ମଦିନ	୯୪
୩୧.	ଭୁଲ୍ ହୋଇଗଲା	୯୬
୩୨.	ସ୍ୱାଗତ	୯୯
୩୩.	ମୁଁ ଅର୍ଜୁନ କହୁଛି	୧୦୧
୩୪.	ହୋଇନାହିଁ ଯଥେଷ୍ଟ ପାକଳ	୧୦୪
୩୫.	ଏ କିଏ	୧୦୫
୩୬.	ମୋ ଗାଁ ଜହ୍ନ	୧୦୭
୩୭.	ପୁଷ୍ପାଞ୍ଜଳି	୧୨୩
୩୮.	କଅଁଳ କହି ରାଧା	୧୨୪
୩୯.	କବିତ୍ୱର ଅପମୃତ୍ୟୁ	୧୨୫
୪୦.	କାଳିଦାସଙ୍କ ଫରମୂଲା	୧୨୬
୪୧.	ବିଜୟା ଦଶମୀ	୧୨୭
୪୨.	ସ୍ୱାଗତ ହେ ନବବର୍ଷ	୧୨୮
୪୩.	ଭଲ ପାଏ	୧୩୦
୪୪.	ଖୁସି	୧୩୧
୪୫.	କବି	୧୩୨
୪୬.	ପ୍ରକୃତି ଓ ନାରୀ	୧୩୩
୪୭.	ଏତେ ସ୍ୱପ୍ନକୁ ରାତି କାହିଁ	୧୩୫
୪୮.	ଅଜ୍ଞାତବାସ ନାହିଁ ଆବଶ୍ୟକ	୧୩୭
୪୯.	ସମୟ ମୁରୁକି ହସୁଛି	୧୪୧
୫୦.	ହସ	୧୪୩
୫୧.	ସମୟ	୧୪୫
୫୨.	ପ୍ରିୟତମା	୧୪୭
୫୩.	ପ୍ରକୃତି	୧୪୮
୫୪.	ପାଗଳ ମଧୁପ	୧୪୯
୫୫.	ତୃତୀୟ ପାହାଚ	୧୫୦

■

Digitized by srujanika@gmail.com

ନିମନ୍ତ୍ରଣ

ମନ୍ଦିର ଉପରୁ ତୋର
ଖସିଲାଣି ବିରାଟ ପଥର
ସଙ୍କେତ ଦେଇ ସେ କହେ
ଏଠି ଆଦୌ ନିରାପଦ ନୁହେଁ
ବାସ ପାଇଁ ନୁହେଁ ଉପଯୁକ୍ତ
କେଉଁ ମୁହୂର୍ତ୍ତରେ ଏହା
ହୋଇପାରେ ଏକ ଭଗ୍ନସ୍ତୁପ ।

ଚିନ୍ତିତ ମୁଁ ଅତିଶୟ
ଗଭୀର ଦୁଃଖରେ;
ହାତ ନାହିଁ, ଗୋଡ଼ ନାହିଁ
ନାହିଁ ଶକ୍ତି ରକ୍ଷା କରିବାକୁ
ଆକସ୍ମିକ ବିପତ୍ତିରୁ ।
ଆମ କଥା ବରଂ ପଛେ ଥାଉ
ଆଗ ମରାମତି କର ଘରଟି ତମର ।

ନିମନ୍ତ୍ରଣ ରହିଲା କାଳିଆ
ଭାଇ ଓ ଭଉଣୀ, ଆଉ
ଲକ୍ଷ୍ମୀ ଠାକୁରାଣୀ ସାଥେ
ରହିବାକୁ କିଛିଦିନ, ଅନ୍ତତଃ
ତମ ଘର ମରାମତି ସରିବା ପର୍ଯ୍ୟନ୍ତ
ଆମର ଏ ଜୀର୍ଣ୍ଣ କୁଟୀରରେ ।

❖

Digitized by srujanika@gmail.com

ପୁରୁଷୋତ୍ତମ

ଚକାଡ଼ୋଳା ତୋ'ର କରେ ସମ୍ମୋହିତ
ତୀକ୍ଷ୍ଣ ଦୃଷ୍ଟି ଭେଦ କରେ ମନ ଆଉ ତନୁ
ଆତ୍ମହରା ହୁଏ ମୁଁ
ଅନ୍ତରରୁ ଝରିଆସେ ସ୍ୱତଃ ଶ୍ରଦ୍ଧାଞ୍ଜଳି ।

ଅନୁଭବ କରେ, କଳା ଧଳା ଦୁଇ ବଳୟ କେନ୍ଦ୍ରରେ
ଚକାଡ଼ୋଳା ଏକ ଅଭିବ୍ୟକ୍ତି
ସୁଦର୍ଶନ ଚକ୍ରର, ଶକ୍ତ ତୀକ୍ଷ୍ଣ ଓ ଚଞ୍ଚଳ
ଅଭିବ୍ୟକ୍ତି ପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡର
ନିରାକାର ପରମ ବ୍ରହ୍ମର
ପରିପୂର୍ଣ୍ଣ ପୁରୁଷୋତ୍ତମର ।

ଅର୍ଦ୍ଧଭଗ୍ନ ହସ୍ତ, ନାସ୍ତି କର୍ଣ୍ଣ ପାଦ
ତଥାପି ନୁହେଁ ତୁମେ ଅସହାୟ
ବରଂ ସମ୍ପୂର୍ଣ୍ଣ ହସ୍ତ ପାଦ ନେଇ
ଆମେ ଅସହାୟ
ଲୋଡ଼ିଥାଉଁ ପ୍ରତି କ୍ଷଣେ
ତମରି ସହାୟ ।

Digitized by srujanika@gmail.com

କେମିତି କହିବି ତାକୁ ଠାକୁର

କେମିତି କହିବି ତାକୁ ଠାକୁର
ଅବଳା କାନିରେ ତା'ର ନଜର
ମନ୍ଦିର ଭିତରେ
କାନି ଟାଣିଦେଇ
ଲାଜରେ ମୋ ମୁହଁ କଲା ଅବିର ।

ସତ ଦଇବ ସେ ନୁହେଁ ଗୋ ମିତଣୀ
ଆମ ପରି ତା'ର ସବୁ ଚଳଣୀ
ସେ ତ ଆମ ପରି ଖାଉଛି ପିଉଛି
ଖେଳୁଛି ବୁଲୁଛି ଜରରେ ପଡୁଛି
ଆମରି ପରି ସେ ପ୍ରେମରେ ଆତୁର
ରାଧିକା ରାଣୀକୁ
ଭାରିଯା ରଖିଛି
ତଥାପି ମନ ତା' ନୁହଁଇ ଥିର ।

ସେ କାଳେ ହୋଇଛି ଭାଗ୍ୟବିଧାତା
ତାରୁଛି ମାରୁଛି ବିଶ୍ୱ କରତା
ସେ ତ ଆମ ପରି ଦୁଃଖରେ ବୁଡ଼ିଛି
ଶାନ୍ତି ଶାନ୍ତି ବୋଲି ବାନା ଉଡ଼ାଉଛି
ସେ ତ ଆମପରି ନୁହଁ ଅମର
ଥକା ମାରୁଥିଲା

Digitized by srujanika@gmail.com

ଶିଆଳୀ ଲତାରେ
ପ୍ରାଣ ନେଲା ତା'ର ଜରା ଶବର ।

ସଭିଙ୍କ ପାଖରୁ ଗାଳି ମନ୍ଦ ଖାଏ
ହସି ହସି ସହେ, ମନ କିଣିନିଏ
ନିମିଷକେ ବୁଝେ ଅନ୍ତରର କଥା
ଶରଣ ପଶିଲେ ଲିଭେ ସବୁ ବ୍ୟଥା
ନ ହେଲା ନାହିଁ ସେ ସତ ଠାକୁର
ନିଜର ବୋଲି ତ
ମନ ନଇଁଯାଏ
କରିବାକୁ ତାଙ୍କୁ ଶତ ଜୁହାର ।

Digitized by srujanika@gmail.com

ଗଣିତ ରାଣୀ

"ଯଥା ଶିଖା ମୟୁରାଣାଂ
ନାଗାନାମ୍ ମଣୟୋ ଯଥା
ତଦ୍ବତ୍ ବେଦାଙ୍ଗ ଶାସ୍ତ୍ରାଣାଂ
ଗଣିତ ମୂର୍ଦ୍ଧନିସ୍ଥିତମ୍ ।"

ଗଣିତ ରାଣୀ ମୋ ଗଣିତ ରାଣୀ
ଆଦିମ କାଳରୁ ଜନମିଲୁଣି
ସଙ୍କେତ ମାଳାରେ ଗଭା ଭରିଦେଇ
ଜଗତ ମନକୁ ନେଇଛୁ କିଣି ।

ଆଲ୍‌ଫା ବିଟା ଗାମା ଓମେଗା ଥିଟା
ଗହଣାରେ ଢଙ୍କା ତୋର ତନୁଟା
ସବୁ ବିଜ୍ଞାନରେ ପ୍ରୟୋଗ ତୋର
ପର ଘର ଖଟି ନ ଥାଏ ଡର ।
କେବେ ରାଣୀ କେବେ ଚାକିରିଆଣୀ
ମୟୂର ଶିଖା ତୁ ନାଗର ମଣି
ସବୁ ଶାସ୍ତ୍ରରେ ତୁ ମଉଡ଼ମଣି ।

କେବେ ଜଟିଳ ତୁ କେବେ ସରଳ
କେବେ ବହୁଳ ତୁ କେବେ ବିରଳ
କେବେ କଠୋର ତୁ କେବେ ତରଳ
ଭାବିଲେ ତୋ କଥା ହେଉ ବିହ୍ୱଳ ।

Digitized by srujanika@gmail.com

କୁହୁକ ଯାଦୁରେ ବହୁ ରୂପିଣୀ
ତୋ ବିନା ଅଚଳ ବିଶ୍ୱ ବିପଣୀ
ତୋର ପରିସୀମା ନ ହୁଏ ଜାଣି ।

ବିନ୍ଦୁ ରେଖା ରାଗେ ଝରେ ସଙ୍ଗୀତ
ଅସୀମ ସସୀମ ଛନ୍ଦେ ଶୋଭିତ
ମଥାରେ ମାଖିଛୁ ଶୂନ ସିନ୍ଦୂର
ଆହା କି ସୁନ୍ଦର କବିତା ତୋର ।
ଜ୍ଞାନର ଝରଣା ତୁ ମନ୍ଦାକିନୀ
ଯୁଗେ ଯୁଗେ ହୁଅ ତୁ ସ୍ରୋତସ୍ୱିନୀ
ଘେନ ଆରାଧନା ହେ ତପସ୍ୱିନୀ ।

(ଗଣିତ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ଅନୁଷ୍ଠିତ ଓଡ଼ିଶା ଗଣିତ ସଂସଦର ରୌପ୍ୟ ଜୁବୁଲି ଉତ୍ସବ (ଜାନୁଆରୀ ୨୩-୨୫, ୧୯୯୮)ରେ ପରିବେଷଣ ହୋଇଥିବା ପ୍ରାରମ୍ଭିକ ସଙ୍ଗୀତ ସମବେତ କଣ୍ଠରେ; ସ୍ୱର- ଭକ୍ତ ବଲ୍ଲଭ ପୃଷ୍ଟି, କଣ୍ଠ - ସୂର୍ଯ୍ୟ, ମିତା ଓ ଅନସୂୟା)

Digitized by srujanika@gmail.com

ପ୍ରଥମ ଚୁମ୍ବନ

ରାତ୍ରିର ତୃତୀୟ ଯାମେ
ନଈ ଜଳ ଛୁଇଁ ଛୁଇଁ
ବିରୂପାର ସଫା ବାଲି
ଜ୍ୟୁନ୍ ଖରା ଭିଜି ଭିଜି
ଥଣ୍ଡା ପଡ଼ିଯାଇଥିଲା ।

ଶୀତଳ ମଳୟ ପବନ
ଚୁପି ଚୁପି ଗାଉଥିଲା ଗୀତ
ନିରନ୍ଧ୍ର ତିମିର ଭେଦି
କେଉଁ ଏକ ଗହନ ପ୍ରାନ୍ତରୁ
ମଧୁର ସଙ୍ଗୀତ ଆସୁଥିଲା ଭାସି
ଦେହେ ମୋର ଅପୂର୍ବ ଶିହ୍ରାର ।

ବିରୂପା ନଈର ତୀରେ ନାନପୁର
ମୋ ଅଜଣା ପ୍ରିୟାର ଗାଆଁ
ବୟସ ଷୋହଳ କି ସତର
ଅନୂଢ଼ା ତରୁଣୀ
ଯାହାକୁ
କେବେ ଦେଖିନାହିଁ
ଅବା ଜାଣିନାହିଁ ।

Digitized by srujanika@gmail.com

ବିରୂପା ପୋଲ ଉପରେ
ନିବିଡ଼ ଅନ୍ଧାରର ସୁଯୋଗରେ
ଆଙ୍କି ଦେଇଥିଲି ଅତି ଆଦରରେ
ଚିବୁକ୍‌ରେ ତା'ର
ମୋ ତରୁଣ ଜୀବନର
ସଯତ୍ନେ ସାଇତା
ବହୁମୂଲ୍ୟ ପ୍ରଥମ ଚୁମ୍ବନ ।

ସେ ଥିଲା ଚୁପ୍‌ଚାପ୍
ସାକ୍ଷୀ ଥିଲା ବିରୂପା ନଈ
ସୁଲୁସୁଲିଆ
ମନ ମତାଣିଆ ବାଆ
ବେଳେବେଳେ ଯା'
ନୀରବତା ଭାଙ୍ଗି ଦେଉଥିଲା ।

ଲକ୍ଷ୍ମଣରେଖାର ସୀମା
ବାରିବାରେ ଅକ୍ଷମ ମୁଁ
ମନେ ଖାଲି
ଅସଂଖ୍ୟ ଚହଲ ।

କିନ୍ତୁ ଏଣେ
ମୋର ଅମାନିଆ ହାତ
ମୁଖ ତା'ର କରୁଥିଲା ସ୍ପର୍ଶ
ଧୀରେ, ଅତି ଧୀରେ
ନାକ, ଆଖି, ଓଠ, କପାଳ, ଚିବୁକ ।
ନିବୁଜ ଅନ୍ଧାର ଭିତରେ
ଜଳଜଳ ଦିଶୁଥିଲା
ପ୍ରିୟାର ମୋ ଅପରୂପ ଛବି ।

Digitized by srujanika@gmail.com

ଆଉ ମନ ମୋର
ବାରମ୍ବାର କହୁଥିଲା
ଏତେ କୁଣ୍ଠିତ କାହିଁକି ?

ଏଇ ମୋର ବଧୂ
ସେଦିନର ସେ ବିରୂପା ନଈର ପ୍ରିୟା
କେହି କହିବେନି ଆଜି
ମୁଁ ଲକ୍ଷ୍ମଣର ରେଖା
ଦିନେ ଟପିଥିଲି ବୋଲି ।
ବରଂ ଏହା ଥିଲା
ରୋମାଞ୍ଚକ ଅତ୍ୟନ୍ତ ମଧୁର
ସବୁ ନୀତି ଓ ନିୟମରେ ସିଦ୍ଧ
ମୋ ଜୀବନର ପ୍ରଥମ ଚୁମ୍ବନ ।

୧୧.୭.୯୬

Digitized by srujanika@gmail.com

ଦ୍ୱିତୀୟ ଚୁମ୍ବନ

ବିରୂପାର ତୀରେ
ଘଞ୍ଚ ଅନ୍ଧାରରେ
ଲୁଚେଇ ଲୁଚେଇ
ଆଙ୍କିଥିଲି
ଏକ ତରୁଣୀର ଚିବୁକ୍‌ରେ
ମୋ ଜୀବନର ପ୍ରଥମ ଚୁମ୍ବନ ।

ବାସର ରଜନୀ
ଅବଗୁଣ୍ଠନବତୀ
ଲଜ୍ଜାଶୀଳା ବଧୂ
ବାହୁ ବନ୍ଧନରେ ମୋର
ନୀରବ ଓ ନିଶ୍ଚଳ ।

କିନ୍ତୁ ତା' ଦେହର ରହସ୍ୟ
ଲୁଚି ରହିଥିଲା ପାଟ ପରିଧାନ ତଳେ
କରିଥିଲି ଶତଚେଷ୍ଟା
କରିବାକୁ ଉନ୍ମୋଚନ ସେ ରହସ୍ୟ
ହେଲେ, ସବୁ ଚେଷ୍ଟା ହେଲା ପ୍ରତିହତ ।

ନୀରବ ନିଶ୍ଚଳ ପଥର ମୂର୍ତ୍ତି ପ୍ରାୟ
ସଦ୍ୟ ବିବାହିତା ତରୁଣୀଟି

Digitized by srujanika@gmail.com

ବିବସତାକୁ ମୋର
କରୁଥିଲା ଉପଭୋଗ
ଏତେ ସମୟ ଧରି ।
ମଉନେ ମଉନେ
ଅନାବୃତ କରିବାର ମନ୍ତ୍ର
କାନେ ମୋର ଚୁପି ଚୁପି କହିଥିଲା :
"ଏତିକି ଜାଣିନ!"

ଶିହରୀ ଉଠିଥିଲା ମୋ ବିଶ୍ୱ
ଜାଣିପାରି ପ୍ରିୟ ତା'ର କେତେ ଅଜ୍ଞ
ବାତୁଳ ବି କେତେ ।

ମନ୍ତ୍ରଦାତ୍ରୀ ହେଲା ସିଏ
ହେଲି ମୁହିଁ ତା' ମନ୍ତ୍ରେ ମନ୍ତ୍ରିତ
ଦେଇଥିଲି ତା'ର ଓଠେ
ଦ୍ୱିତୀୟ ଚୁମ୍ବନ
ଅତ୍ୟନ୍ତ ଗଭୀର ।

ମୋ ଜୀବନେ ଏ ଦୁଇଟି
ଅନନ୍ୟ ଚୁମ୍ବନ
ଆବିଷ୍କାର ବିଜୟର
ପୂର୍ଣ୍ଣ ରୂପାୟନ ।

୧୯୯୬

Digitized by srujanika@gmail.com

ଅଭିମାନିନୀ

ଲଣ୍ଡନ ନଗରୀ...
ସ୍ୱପ୍ନପୁରୀ
ପରୀମାନେ ପ୍ରଚୁର କସ୍‌ମେଟିକ୍ ବୋଳା
ପୂର୍ଣ୍ଣ ଯୌବନା ତନୁ ଆଭରଣେ
କୁଣ୍ଠିତ ବସନ
ଅତି ଝିଲ୍‌ମିଲ୍
ପାଶ୍ଚାତ୍ୟ ସଭ୍ୟତାରେ କ'ଣ
ଏତେ ବସ୍ତ୍ର ଅନଟନ !
କରିଥିଲେ ଜର୍ଜରିତ
ବିରହୀ ମନକୁ ମୋର
ଦିନ ଦିନ, ମାସ ମାସ
ଦୀର୍ଘ ଦୁଇଟି ବରଷ ।

ଦୂରେ, ବହୁଦୂରେ
ଶାନ୍ତ ପଲ୍ଲୀପୁରେ
ନବୋଢ଼ା ପ୍ରିୟତମା ପାଇଁ
ମନରେ ଘନୀଭୂତ ହେଉଥିବା
ସୁନେଲୀ ସପନ
ଅସୀମ ଆବେଗ
ସଂଗଠିତ କରି ଫେରିଆସେ ଯେବେ

Digitized by srujanika@gmail.com

ଗୋଧୂଳିର ଅନ୍ତିମ ଲଗ୍ନରେ
ଆବିଷ୍କାର କରେ–
କ'ଣ ?
ନୁହେଁ ଏକ ପ୍ରତୀକ୍ଷମାଣା
ନାଲି ଟୁହୁଟୁହୁ
ଅତରବୋଳା ସାଧବ ବୋହୂ;
ନୁହେଁ ମଧ ଏକ ଉନ୍ମାଦିନୀ ଭାନୁମତୀ
ଲାସ୍ୟମୟୀ ଅଭିସାରିକା ଅବା !
କରିଥିଲି ଆବିଷ୍କାର
ଅନ୍ଧାରୁଆ ରୋଷେଇ ଘରେ
ଧଳା ଫିକା କସ୍ତା ଶାଢ଼ି ବଳୟରେ
ଉଜ୍ଜ୍ୱଳ ଶ୍ୟାମଳ ତନୁ
ଧୂଆଁଳିଆ ବାସ୍ନା
ଫିକା ଫିକା ଓଠ
ଲୁପ୍ତ ସରାଗ
ବ୍ୟଥାତୁରା
ଜଣେ ଅଭିମାନିନୀ ।

ପଚିଶ ବରଷ...
ନାରୀତ୍ୱ ପାଲଟିଛି
ବଧୂ, ଜାୟା ଓ ଜନନୀ;
ରୋଷେଇ ଘର
ଡାଇନିଂ ଟେବୁଲ୍
କୁଶ, ଉଲ୍ ବୁଣା,
ସିଲେଇ ମେସିନ୍
ବାର ଜଞ୍ଜାଳ
ଅବଶ ମନ

Digitized by srujanika@gmail.com

ଥକା ତନୁ
ସ୍ୱାଦହୀନ ପରିଧାନ
ଫିକା ଶାଢ଼ି, ଢିଲା ବ୍ଲାଉଜ୍
ରଙ୍ଗଛଡ଼ା ଅନାବନା ଚୁଡ଼ି
ନିରାଭରଣା ତନୁ
ଫୁରସତ୍ ନାହିଁ
ମ୍ୟାଚିଂ କରିବାକୁ ।
ଯୌଥ ପରିବାରର ଯୂପକାଠିରେ
ସତେ ଅବା ଦେହ, ମନ
ସବୁ ଏକାକାର ।

ଅତିକ୍ରମି ପଚିଶ ବସନ୍ତ
ଡେଇଁ ଡେଇଁ ସମୟର ଚୋରାବାଲି
ଫେରିବାକୁ ଇଚ୍ଛା ହୁଏ
ଅତୀତ କୋଳକୁ,
ମୋ ପ୍ରିୟାର ତନୁ ମନ
ସ୍ୱପ୍ନ ଇଲାକାକୁ ।

ଶ୍ୟାମଳୀ ସରମୀ ଲତା
ଗୋଲାପୀ ଅଧର
ହରିଣୀର ବିସ୍ଫାରିତ ଚକ୍ଷୁ
ଆଜାନୁଲମ୍ବିତ ଘନ କୃଷ୍ଣ କେଶ
ପ୍ରଜାପତିର ରଙ୍ଗୀନ୍ ଡେଣା
ପାଉଁଜି-ନୂପୁର ବନ୍ଧା
ଅଲକ୍ତ ରଞ୍ଜିତ ପାଦ
ଲାଲ୍ ଓ ସବୁଜ ଚୁଡ଼ିର ଝୁମ୍‌ଝୁମ୍ ସ୍ୱନ
ଯିଏ ମୋତେ ସ୍ୱପ୍ନାଛନ୍ନ କରିଥିଲା
ମାତ୍ର ଗୋଟିଏ ବରଷ ।

Digitized by srujanika@gmail.com

ତା'ପରେ-
ସେ ସ୍ୱନ
କ୍ଷୀଣ ହେଲା କ୍ଷୀଣତର
ଜଞ୍ଜାଳର ଗୁରୁ ବ୍ୟଥା
ଛିନ୍ନ ଭିନ୍ନ କଲା ସ୍ୱପ୍ନ ମୋର
ଯୁଗ୍ମ ଜୀବନର ରୌପ୍ୟ ଜୁବିଲି
ଅଜାଣତେ କେବେ ଆସି
କେବେ ଚାଲିଗଲା ।

ଭୟ ହୁଏ, ପାରମ୍ପରିକ
ଯୌଥ ପରିବାରର ଅତିଥିଶାଳାରେ
ପ୍ରିୟା ମୋର ପାଲଟିଛି
ମାତ୍ର ଏକ ପରିଚାରିକା ।

ତଥାପି
ମୋର ଏଇ ସଂସାରରେ
ଯାହା ସବୁ ସରସ
ଯାହା ସବୁ ସୁନ୍ଦର
ଯାହା କିଛି ସଫଳ
ଯାହା କିଛି ଆନନ୍ଦ
ସବୁଥିରେ
ଗୋଟିଏ ପରିଚାରିକାର
ସ୍ୱାର୍ଥହୀନ ସ୍ପର୍ଶ ।

ସେ ସ୍ପର୍ଶ ଆଉ କା'ର ନୁହେଁ
ଚିର ଅଭିମାନିନୀ
ମୋର ସେହି ନୀନାରାଣୀର ।

୧୯୯୨

Digitized by srujanika@gmail.com

ଅସଂଜତ

ତମେ, ଏମିତି ବି ଭଲ ଲାଗ,
କିନ୍ତୁ ବେଶୀ ଭଲ ଲାଗ
ଥିଲେ ଅଳ୍ପ ଅସଂଜତ
ତମ ଅଜାଣତେ ।

ତମ ଅଜାଣତେ
ତମ ଶାଢ଼ିର ପଣତ
ଅଳ୍ପ ଖସିଥିଲେ,
ମଥାର ସିନ୍ଦୂର
ନେସି ହୋଇଥିଲେ
ଅଥବା
ତମ ପରିଧାନ ଚିରି
ତମ ଅଧିକ ସ୍ୱର୍ଣକାତର ଅଙ୍ଗ
ଅଳ୍ପ
ଅଳ୍ପ ଦିଶୁଥିଲେ
ତମେ ସଖି
ବେଶୀ ଭଲ ଲାଗ ।

Digitized by srujanika@gmail.com

ଜର

ଜୁନ୍‌ର ଅପରାହ୍ନ !
ଝାଇଁ ଖରା, ଅସହ୍ୟ ଉତ୍ତାପ
ଅଧାଖୋଲା ମୋ ଶୟନ କକ୍ଷ ।
ପରଦା ଅନ୍ତରାଳେ
ଅସଂଜତେ ଚେଇଁ ଶୋଇଥିବା
ଏକ ଘୁମନ୍ତ ନାରୀଙ୍କୁ ପ୍ରଶ୍ନ କଲି :
"କ'ଣ ଜର ହୋଇଛି କି ?"

ଏକ କ୍ଷତ ବାଘୁଣୀ ପରି
ଗର୍ଜିଉଠି କହିଥିଲା :
"ଏତେ ଯଦି ସରାଗ
ଦେହରେ ହାତ ବୁଲାଇ
ପରୀକ୍ଷା କରୁନା !"

ସତେ ତ !

ଯୌବନ ବନ୍ୟାରେ
ଢେଉ କୂଳ ଟପିଲାଣି
ମନ କାନନରେ ଜଳୁଅଛି ନିଆଁ
ଉତ୍ତାପରେ ଦେହ ଥରି ଉଠିଲାଣି
ସେ ତାତିରେ ଖଇ ଫୁଟିଯିବ ।

Digitized by srujanika@gmail.com

ଏ ନିଆଁ ଲିଭିବନି
ଜଳ ପ୍ରଲେପରେ
ଅବା ବଇଦ ଔଷଧେ
ଦୁଇ ମନ ତାତି
ହେଲେ ବିନିମୟ
ଏ ତାତି ହୁଏ ପ୍ରଶମିତ ।

ମୋତେ ନିଦ ମାଡୁଥିଲା
କାନେ କେହି କହୁଥିଲା
"ଉଠ ଦୁଷ୍ଟ,
ସନ୍ଧ୍ୟା ଚାହା
ପିଆ ହୋଇନାହିଁ ।"

ଜୁଲାଇ, ୧୯୯୬

Digitized by srujanika@gmail.com

ହୋଲି

ଗୁମ୍ଫ ମନ୍ଦିର ଦ୍ୱାର
କରିଥିଲା ମୁକ୍ତ
ଲାଲ୍ ଶାଢ଼ି ପରିହିତା
ସଦ୍ୟସ୍ନାତା ଏକ ତରୁଣୀ ନାୟିକା ।

ପାଦ ତା' ଅଳତା ବୋଳା
ନୂପୁରର ରୁଣୁଝୁଣୁ ସ୍ୱନ
ଆନମନା କଲା ମୁହୂର୍ତ୍ତକ ପାଇଁ ।

ସରୁ ହସ ଲାଖିଥିଲା ଗୋଲାପୀ ଅଧରେ
ମୁକୁଳା ତା' କୃଷ୍ଣ କବରୀରୁ
ବିନ୍ଦୁ ବିନ୍ଦୁ ଜଳକଣା
ପଡୁଥିଲା ଝରି
ଅନାବୃତ ଗ୍ରୀବା ଓ ବାହୁରେ ।

ଭାବିଲି, ଫେରିଯିବି
କିନ୍ତୁ ଫେରି ପାରିଲିନି
ସ୍ଥିର ସେ–ଚାହାଣୀ ତା' ସ୍ଥିର
ଆନନ୍ଦରେ ଲଜ୍ଜାର ଅରୁଣିମା
ସ୍ଥିର ମୁଁ, ଚକ୍ଷୁ ଅପଲକ
ନ ଫୁଟଇ କଥା କାହା ମୁଖେ

Digitized by srujanika@gmail.com

ମନେ ଦ୍ୱନ୍ଦ୍ୱ
କିପରି ଓ କେଉଁଠି ଲେପିବି
ସୁନା ଗୋରା ଦେହେ ତା'ର
ନାଲି ଟହଟହ
ସିନ୍ଦୂର-ଅବିର ।

ଚକ୍ଷୁ ବିନିମୟେ
ନୀରବତା ଭଙ୍ଗ କଲା;
ମୋତେ ଚମକାଇ
ଲାଜୁଆ ଆଖିରେ
ଚୁପି ଚୁପି ପ୍ରଶ୍ନ କଲା :
"କାହିଁକି ଅପେକ୍ଷା ?
ବୋଲୁନ ଅବିର ।"

ମୋ ପାଟିରୁ ଖସିଗଲା
"କହ ଆରେ ଗୋରୀ
କାହିଁ ଲେପିବି ଅବିର ?
ସବୁ ତ ତୋର ନିଷିଦ୍ଧାଞ୍ଚଳ ।"

ମୁହଁ ପୋତି ତରୁଣୀଟି
ହୋଇ ଲାଜ ଲାଜ
ଆସ୍ତେ କହିଦେଲା :
"ନୁହେଁ ତମ ପାଇଁ ।"

୧୯.୩.୧୯୯୨

Digitized by srujanika@gmail.com

ସର ଦେଈ

ହଠାତ୍ ମୋ ଦିନ ଭାଙ୍ଗିଗଲା
ନିଜକୁ ଆବିଷ୍କାର କଲି
ପୂର୍ଣ୍ଣ ଯୌବନା ଏକ ତରୁଣୀର
ନିବିଡ଼ ବାହୁ ବନ୍ଧନରେ ।

ଚକିତ ମୁଁ, ହେଲି ରକ୍ତଶୂନ୍ୟ
ଦେହେ ମୋର ବିଦ୍ୟୁତ୍ କମ୍ପନ
ମୁଁ ହେଲି ଧୀରସ୍ଥିର
ଯେମିତି ମୁଁ ସୁପ୍ତ
ସତେ କି ନିର୍ଜୀବ
ଖାଲି ତା' ନିବିଡ଼ ବାହୁବନ୍ଧନରେ ମୁଁ
ଆଉ ମୋ ଟିକି ପାପୁଲିରେ
ତା' ଅତ୍ୟୁନ୍ନତ ସ୍ତନ ।

ପାହିଥିଲା ରାତି
ଭାଙ୍ଗିଥିଲା ମୋ ନିଦହୀନ ନିଦ
ଦେଈର ଓଠରେ ନିଦ ମଳମଳ ହସ ।

ମୋତେ ସେତେବେଳେ
ବୟସ ପ୍ରାୟ ଦଶ କି ବାର
ଆଉ ସେ ଥିଲା 'ସର' ଦେଈ
ବୟସ କୋଡ଼ିଏ ବାଇଶି ଅବା ।

୧୭.୦୭.୧୯୯୬

Digitized by srujanika@gmail.com

ବୈଷ୍ଣବ ଓ ବୈଷ୍ଣବୀ

(୧)

ଏଇ ପୁରୁଷ,
ଆପାଦ ମସ୍ତକ
ପୋଷାକରେ ଢଙ୍କା
ଚଷମା ଅନ୍ତରାଳେ
ଦପ୍‌ଦପ୍ ଆଖି
ଦେଖିବାକୁ ଲାଗେ ଡର
ମାପଚୁପ୍ କଥା
ନିୟମରେ ବନ୍ଧା
ଦୀର୍ଘ ଭାଷଣରେ ପଟୁ
ବିଜ୍ଞାନ, ଧର୍ମ, ବେଦ
ବିଭିନ୍ନ ଗ୍ରନ୍ଥରୁ କୋଟେସନ୍ ଆବୃତ୍ତି
ଯେପରି ସବୁ ମୁଖସ୍ଥ–କଣ୍ଠସ୍ଥ
ଜ୍ଞାନର ଭଣ୍ଡାର ଏହି
ଉତ୍ତମ ପୁରୁଷ
ଜଣେ ବଡ଼ ମୋରାଲିଷ୍ଟ୍
ନୈତିକବାଦୀ
ସତେ ଅବା
ନୈଷ୍ଠିକ ବୈଷ୍ଣବ ।

Digitized by srujanika@gmail.com

(୨)

ଏଇ ନାରୀ
ପାଦେ ନୂପୂର ଅଳତା
ଲାଲ୍ ପାଟଶାଢ଼ି ପରିହିତା
ପୁରାହାତ ବ୍ଲାଉଜ୍
ସର୍ବାଙ୍ଗ ଢାଙ୍କିଛି
ଆକର୍ଷଣ କରିବାର ସବୁ ମାର୍ଗ ରଦ୍ଧ ।
ଅନୁପମ ସୁଷମା
ଅର୍ଦ୍ଧଲୁପ୍ତ, ସୁପ୍ତ
ସୁସଜ୍ଜିତ ପରିପାଟୀ
ଯଥେଷ୍ଟ ସଂଜତ,
ବ୍ୟବହାରରେ ଯଥେଷ୍ଟ ସଂଯମ
ବ୍ରହ୍ମଚର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ
ଏଇ ସୁଶିକ୍ଷିତା
ସୁଗୃହିଣୀ ଲଜ୍ଜାଶୀଳା ନାରୀ
ଏକ ତପସ୍ୱିନୀ
ସାକ୍ଷାତ୍ ନୈଷ୍ଠିକ ବୈଷ୍ଣବୀ ।

(୩)

ସାରାଦିନ
ରାଜନୀତି, ଦର୍ଶନ, ବିଜ୍ଞାନ
ନୈତିକ ମୂଲ୍ୟବୋଧ ଉପରେ
ଭାଷଣ ଦେଉଥିବା
ଏଇ ନାରୀ, ଏଇ ପୁରୁଷ
ହେଲେ ରାତି
ନିବିଡ଼ ଆଶ୍ଳେଷରେ
ଘନିଷ୍ଠ ବାହୁ ବନ୍ଧନରେ

Digitized by srujanika@gmail.com

ହୁଅନ୍ତି ଏକତ୍ର
ଛନ୍ଦିହୁଏ ଅଙ୍ଗ ଆଉ ମନ ।

(୪)

ଏକ ଶଯ୍ୟାରେ
ଅନେକ ବ୍ୟବଧାନରେ
ଦୁଇଟି କ୍ଲାନ୍ତ ଅଙ୍ଗ
ଓ ବୈରାଗ୍ୟର ମନ ।
ସିନ୍ଦୂରା ଫାଟିଲା;
ଦୁଇ ତନୁ ଡଙ୍କା ହେଲା ପୁଣି
ସଭ୍ୟତାର ଆବରଣ ତଳେ
ପୁଣି ସଂଯମର ଭାଷଣ ଚାଲିଲା ।
ସତେ ଯେପରି କେଉଁ ଆଶ୍ରମର
ନୈଷ୍ଠିକ ବୈଷ୍ଣବ ଓ ବୈଷ୍ଣବୀ ।

(୫)

ଉଙ୍କିମାରେ ପ୍ରଶ୍ନ
ଏ ମିଳନ ଅତିକ୍ରମ କରିଛି କି
ସଂଯମର ସୀମାରେଖା,
ଦୁଇ ବ୍ୟକ୍ତିତ୍ୱକୁ କରିଛି କି କ୍ଷୀଣ ?

୧୯୯୬

Digitized by srujanika@gmail.com

ପାନ

ଏମିତି ବି ମୁଁ ପାନ ଖାଏନାହିଁ
କିନ୍ତୁ ବେଳେବେଳେ
ମନର ହାଲୁକା ମୁହୂର୍ତ୍ତରେ
ମନ ଖୋଜେ ପାନ
ତମ ହାତରୁ ଖିଲିପାନଟିଏ
ଭଲ ଲାଗେ, କିନ୍ତୁ
ବେଶୀ ଭଲ ଲାଗେ
ତମେ ଖୋଇଦେଲେ ।

ମିଠା ବରାଦିଆ ପାନ
ଚମନ୍‌ବାହାର, ଖଇର, କମ୍ ଚୂନ
ସାଧା ଗୁଣ୍ଡି ଓ ଲବଙ୍ଗ
ପିପର୍‌ମେଣ୍ଟ ଦେଲେ ଭଲ
ଏମନ୍ତ ଖିଲିପାନଟିଏ
ଜାକିଲେ କଳରେ
ଖୁସି ଲାଗେ,
ହେଉ ପଛେ ଦଶ ମିନିଟ୍‌ର ।

ବିନିଦ୍ର ରଜନୀର ବୁକୁ ଚିରି
ଯାତ୍ରା ରଙ୍ଗମଞ୍ଚରେ ଯେବେ

Digitized by srujanika@gmail.com

ନାୟିକା ଅଭିସାରିକାର ଅଭିନୟ କରେ,
ଦରଦଭରା କଣ୍ଠରେ
ସଙ୍ଗୀତର ଝଙ୍କାର ତୋଳେ
ଦର୍ଶକର ମନ ଛୁଇଁ ଯଦି
ଘନ ଘନ କରତାଳି ନିଏ,
ସେତେବେଳେ କଳେ ମୋର
ଏକ ରସାୟିତ ପାନ
ଭାରି ଭଲ ଲାଗେ ।

୦୨.୧୧.୧୯୯୭

Digitized by srujanika@gmail.com

ଦୀପାବଳୀ

ଜାଳ ନାହିଁ ଦୀପ ଏ ଦୀପାବଳୀରେ
ମୋ ମା'ର ନିଦ ଭାଙ୍ଗିଯିବ
ସେ ଭିଜୁଥିଲା ହେମାଳ ଜଳରେ
ଦୀର୍ଘ ଦୁଇଦିନ ହେଲା–
ସେ ବହୁତ କ୍ଲାନ୍ତ ଓ ନିଦ୍ରିତ ।
ସେ ଶୋଇଥାଉ;
ଉଠି ମୋତେ କ୍ଷୀର ଦେବ,
ଭାରି ଭୋକ ଲାଗିଲାଣି
ଏ ବୋତଲ କ୍ଷୀର ମୋତେ ଭଲ ଲାଗୁନାହିଁ
ମା' ଉଠୁ, ମୁଁ ମୋ ମା' ପହ୍ନାରୁ
ଚିଁ ଚିଁ ପିଇବି କ୍ଷୀର, ବହୁତ ମିଠା ।
ନନ୍ଦନକାନନ ଅନାଥାଶ୍ରମରେ
ପାଞ୍ଚମାସର ଏ ହାତୀ ଛୁଆଟି
କାହୁଁ ବା ଜାଣିବ
ଦୀପାବଳୀରେ ସଭିଁଏ ମାତିଥିବାବେଳେ
ଚାରବାଟିଆର ନାଳ ଭିତରେ
ତା'ର ଅଲିଅଳୀ ମା'
ଶେଷ ନିଦ୍ରାରେ ଶୋଇଗଲାଣି !

୦୨.୧୧.୧୯୯୭

(ସମାଜ ୦୨.୧୧.୯୭ରେ ପ୍ରକାଶିତ ମାଈ ହାତୀଟିଏ ପାଣିରେ ବୁଡ଼ି ମରିବା ସମ୍ବାଦ ପରିପ୍ରେକ୍ଷୀରେ)

Digitized by srujanika@gmail.com

କଳାକାର

ପ୍ରଦୀପକୁ କରି ପ୍ରଜ୍ୱଳିତ
ପରଦାର ଅନ୍ତରାଳୁ
ଯେବେ ହୁଏ ମୂର୍ତ୍ତି ଉନ୍ମୋଚିତ,
ସମବେତ ଜନତାର କରତାଳି ଓ
ଶିଳ୍ପୀ ପ୍ରତି ପ୍ରଶଂସା ଅନେକ ।
ଧନ୍ୟ ଧନ୍ୟ ସେ ଶିଳ୍ପୀ
କି ଅପୂର୍ବ ସୃଜନୀ ତାହାର !

ଶିଳ୍ପୀ କରିଥିଲେ ସୃଷ୍ଟି
ନାରୀ ମୂର୍ତ୍ତି ଏକ
ନିଖୁଣ ଜୀବନ୍ତ
ଅର୍ଦ୍ଧ ନଗ୍ନ
ଆଜାନୁଲମ୍ବିତ କେଶ
ଘନ କୃଷ୍ଣ କୁନ୍ତଳରେ
ଆଚ୍ଛାଦିତ ଆରକ୍ତ ନିତିଳ ।

ଇନ୍ଦ୍ରଧନୁ ସମ ଭ୍ରୂରୁ
ଚଞ୍ଚଳ କଟାକ୍ଷ
ନୟନ ପ୍ରାନ୍ତରେ କଜ୍ଜଳର ଧାର,
ନିମନ୍ତ୍ରଣ କରୁଥିବା ଓଦା ଓଦା ଓଠ
ଅତ୍ୟନ୍ତ ଗୋଲାପୀ ।

Digitized by srujanika@gmail.com

କଣ୍ଠେ ସୁଶୋଭିତ ରତ୍ନହାର
କୁଚଯୁଗଳକୁ କରି ଅତିକ୍ରମ
ନାଭି କମଳକୁ କରିଅଛି ସ୍ପର୍ଶ
ଆଉ କମନୀୟ ନିତମ୍ବ
କ୍ଷୁଦ୍ର ଏକ ଝିଲିମିଲି
ବସ୍ତ୍ରେ ଯେ ଆବୃତ ।
ପଦ ବେନି ଥିଲା
ନୂପୁର-ଶୋଭିତ
ରକ୍ତ-ରଞ୍ଜିତ
ମଧୁଛନ୍ଦ !

ରାଜା ବିକ୍ରମାଦିତ୍ୟ
ହେଲେ ଉଲ୍ଲସିତ
ମୁଖେ ଥିଲା ଚାପା ହସ
ଗର୍ବର ପ୍ରତୀକ ।
ଭାନୁମତୀ ହସୁଥିଲେ
ସଲଜ୍ଜ ଅଧରେ
ଶିଳ୍ପୀ ମୁଖେ ଥିଲା
ଆତ୍ମତୃପ୍ତି ହସ
କବି କାଳିଦାସ ମୁଖେ ଥିଲା
ହସ ସ୍ମିତ ତାଚ୍ଛଲ୍ୟର ।

ଅପମାନ, ଲଜ୍ଜା, ବିରକ୍ତିରେ
ମ୍ରିୟମାଣ ଶିଳ୍ପୀ
ଫିଙ୍ଗିଦେଲେ ସୃଜନୀର ତୂଳୀ
ବିଚ୍ଛୁରିତ କଳାରଙ୍ଗ
ସୃଷ୍ଟି କଲା ଅକସ୍ମାତ୍
କଳାଜାଇ ଏକ
ଅନାବୃତ ଶୁଭ୍ର ଜଘନରେ ।

Digitized by srujanika@gmail.com

ସାମାନ୍ୟ ନିସ୍ତବ୍ଧ, ତା'ପରେ
ହସିଥିଲେ କବି
ମନଖୋଲା ହସ,
ସେ ହସରେ ଥିଲା ଭରା
ଶିଳ୍ପୀ ପ୍ରତି
ସୁଗଭୀର ଶ୍ରଦ୍ଧା ନିବେଦନ ।

ଆନତ ବଦନା
ଲଜ୍ଜାବତୀ ନାରୀ
ହସିଥିଲେ ଚୁପି ଚୁପି
ଆଉ
ହସିଥିଲେ ଶିଳ୍ପୀ
ଏକ ନିର୍ବୋଧତା-ହସ
ସନ୍ଦିଗ୍ଧ ଅନ୍ୟମନା ହସ, କିନ୍ତୁ
ହସିଲେ ନୃପତି ।

ଶିଳ୍ପୀ କ'ଣ ସତେ
ନ ଆଙ୍କି କଳାଙ୍କାଇ ଚନ୍ଦ୍ରମାରେ
ବାସ୍ତବକୁ ଦେଇଥିଲେ ଜଳାଞ୍ଜଳି !
କହିବେ କି
କବି କୁଳ ଅବତଂସ !
କେଉଁ ମନ୍ତ୍ର ବଳେ
ଅବା କଳା କଉଶଳେ
କଲ ଆବିଷ୍କାର ତୁମେ
ନିଭୃତ ଅଙ୍ଗର ଏହି ନିଷିଦ୍ଧ ଅଞ୍ଚଳେ
କ୍ଷୀଣ ଏକ ବିନ୍ଦୁ କଳାଙ୍କାଇ ?

୧୬.୦୩.୧୯୯୨

Digitized by srujanika@gmail.com

ଫ୍ରିଜ୍

ଏ ଫ୍ରିଜ୍ ଦେଖିଛି
ପାଖାପାଖି ଦୁଇ ଯୁଗ ଧରି
ଆମ ଘରର ସବୁ ଶାନ୍ତି
ସବୁ ଅଶାନ୍ତି;
ସବୁ କଳନା କରିଛି
ତୁମର କଥା ସବୁ ଜାଣିଛି
ସବୁ କିନ୍ତୁ ଗୋପନ ରଖିଛି ।

ବନ୍ଧୁବାନ୍ଧବଙ୍କୁ ବେଶୀ ଚିହ୍ନିଛି ସିଏ;
ପିଲାମାନଙ୍କୁ ସାନରୁ ବଡ଼ କରିଛି,
ରାଜା ପାଇଁ ଅଣ୍ଡା
ମିତା ପାଇଁ ହଳଦୀ
ଲୋନି ପାଇଁ ଦହି
ନିନି ପାଇଁ କାକୁଡ଼ି
ଆଉ ମୋ ପାଇଁ
ବାସି ସାଗୁଆଡି
ସବୁ ସାଇତି ରଖିଛି ।
ମଇଁଆର ସଜ ଦରକାର ବୋଲି
ଫ୍ରିଜ୍‌ର ମନ କଷ୍ଟ
ତା'ର କିଛି କରିପାରି ନାହିଁ ।

Digitized by srujanika@gmail.com

କୁଣିଆ ଆସିଲେ
ଆମ ଫ୍ରିଜ୍ ନାଚି ନାଚି ଗୀତ ଗାଏ;
କୁଣିଆ ନାହିଁ ତ ମନ ଶୁଖେଇ ବସେ;
ସୁଖ ଓ ଦୁଃଖର ଏ ସାଥୀ ଆମ ଫ୍ରିଜ୍
ଆମ ସାଙ୍ଗେ ବିତାଇଛି ଦୀର୍ଘ
ଏକ କୋଡ଼ି ଚାରୋଟି ବସନ୍ତ ।
ଜରା କି ବାଧକି
କିଛି ହୋଇନାହିଁ ।

କିନ୍ତୁ ହାୟ !
ସେ ଆଜି ଆମଠାରୁ ବିଦାୟ ନେଉଛି
ତା' ବଦଳରେ ଆମକୁ ଦେଇଯାଉଛି
ଆଉ ଏକ ନୂଆ ଫ୍ରିଜ୍ ।
ସେ ଟ୍ରଲିରେ ବସି ଯାଉଛି
କେଉଁ ଏକ ଅଜଣା ଜାଗାକୁ
ପଛକୁ ଅନାଇଁ ଅନାଇଁ;
ବାହୁନି କାନ୍ଦୁଛି
ପଛକୁ ଚାହୁଁଛି ବାରମ୍ବାର
କାଳେ କିଏ ଡାକି କହିଦେବ
"ଯା'ନାରେ ଫ୍ରିଜ୍, ରହିଥା ।"

ସେ ମନେ ମନେ ଭାବୁଥିବ
ମୁଁ ଏତେ ନିଜର ହୋଇ
ଦିନ ନାହିଁ ରାତି ନାହିଁ
ଏ ପରିବାର ପାଇଁ ଖଟି ଖଟିକା
ବାର୍ଦ୍ଧକ୍ୟ ଲଭିଲି
ହେଲେ, ନିଷ୍ଠୁର ହୋଇ
ମୋତେ ବିଦା କରିଦେଲେ

Digitized by srujanika@gmail.com

ମୋର ଏବେ ବି ବଳ ଅଛି
ଖଟିବାକୁ ଆଉ ପାଞ୍ଚ କି ଦଶଟା ବରଷ
ମିତା, ରାଜା, ଲୋନି-ପୁଅଝିଅମାନଙ୍କର
ଗେହ୍ଲା ବୟସ ସରିଲା ପର୍ଯ୍ୟନ୍ତ ।

କିନ୍ତୁ ହାୟ !
ଫ୍ରିଜ୍‌କୁ କେହି ପଛୁ ଡାକ ଦେଲେନାହିଁ
ସେ ଚାଲିଗଲା
ଏତେ ଦିନର ସମ୍ପର୍କ ତୁଟାଇ ।

ଫ୍ରିଜ୍‌କୁ ବିଦା ଦେଇ ପଛକୁ ଫେରି ଦେଖେ
ନିନି ଆଖିରୁ ଦୁଇଟୋପା ଲୁହ ଝରି ପଡ଼ିଥିଲା;
ଲୋନି କହୁଥିଲା : ଭଲ ଲାଗୁନାହିଁ
ଫ୍ରିଜ୍‌କୁ ନ ଦେଇଥିଲେ ଭଲ ହୋଇଥାନ୍ତା ।
ମୋର ବି ଏଇ ମତ ଥିଲା
କିନ୍ତୁ ଡେରି ହୋଇଯାଇଥିଲା ।

ସମର୍ଥା

Digitized by srujanika@gmail.com

ପ୍ରଥମ ଜନ୍ମଦିନ

ତୁ ଜନ୍ମ ହେଲୁ କାହିଁ କେତେ ଦୂରେ
ପର ଦେଶରେ
କାନାଡ଼ା ଭୂଇଁର ସାସ୍‌କାଚୁଆନ୍ ହସ୍‌ପିଟାଲରେ
ମେ ଅଠେଇଶ, ଉଣାଇଶ ଶତାନବେ
ଆଖି ପାଉନାହିଁ
କଳ୍ପନା ବି ଛୁଇଁ ପାରୁନାହିଁ ।

ମୋର ବି ଜନ୍ମଦିନ
ମେ ମାସ, ସାବିତ୍ରୀ ଅମାବାସ୍ୟାରେ
କିନ୍ତୁ ନିଜ ଦେଶରେ, ନିଜ ଗାଁରେ ।

ମେ ମାସରେ ଜନ୍ମ ନେଇଥିବା
ଗୋଷ୍ଠୀରେ ଅଛନ୍ତି
କବି ରବୀନ୍ଦ୍ରନାଥ
ଦାର୍ଶନିକ ବଟ୍ରାଣ୍ଡ ରସେଲ୍
ବିପ୍ଳବୀ କାର୍ଲମାର୍କସ୍
ଆଉ ଅନେକ ଯୁଗାନ୍ତକାରୀ ପୁରୁଷ,
ସେଥିପାଇଁ ଭଲ ଲାଗେ
ମେ ମାସିଆ ଛୁଆଙ୍କୁ ।

କାହ୍ନା ପରି ତୁ ଜନ୍ମ ହେଲୁ କେଉଁଠି
ବାତ୍ସଲ୍ୟ ମମତାରେ ହେଲୁ ବନ୍ଧା

Digitized by srujanika@gmail.com

ଆଉ କେଉଁଠାରେ
ଗୋପପୁର ହେଲା ତୋର
ଅଜା ଆଈ ଘର
ଚାହୁଁ ଚାହୁଁ ବିତିଗଲା
ଗୋଟିଏ ବରଷ ।
ଆଜି ତୋର ପ୍ରଥମ ଜନ୍ମଦିନ
ପାଳନ ହେଉଛି
ବାଣୀବିହାରରେ
ଜେଜେ ଓ ମାଆଙ୍କ ପାଖରେ ।

ମନେପଡ଼େ ତୋ ବାପା
ପିଲାଦିନ, ଜନ୍ମଦିନ କଥା
ଘର ସାରା ବେଲୁନ୍‌ର ବନ୍ୟା
ତୋ ଜନ୍ମଦିନରେ ଆଜି ବି
ଘର ସାରା ବେଲୁନ୍ ଝୁଲୁଛି ।
ଗଜରା ଫୁଲହାର ଗଳାରେ ଲମ୍ବାଇ
ସୁନ୍ଦର ଦିଶୁଛନ୍ତି ତିନି ଠାକୁର ।
ଚିପି ଚିପି ପାଦ ଥାପି
ତୁ ଚାଲୁଛୁ ତାଙ୍କରି ଆଗରେ
ଥିରି, ବହୁତ ଥିରି
ତୋତେ ଦେଖି
ଗୋପପୁର ଠାକୁରଙ୍କ
ପିଲାଦିନ କଥା
ବେଶୀ ମନେ ପଡୁଥିବ ।

ଝରୁଥିବ ଆଶିଷ ତାଙ୍କର
ମେ ମାସିଆ ଏ ଶିଶୁଟି ଉପରେ
କରିବାକୁ ଏକ ପ୍ରତିଭୂ ପୁରୁଷ ।

Digitized by srujanika@gmail.com

ଅର୍ଦ୍ଧାବୃତା

ଶାରଦୀୟ ପୂର୍ଣ୍ଣଚନ୍ଦ୍ର
ଦ୍ୱିଗୁଣିତ ହୁଏ ତା' ମାଧୁରୀ
ଯଦି ଅଦିନିଆଁ ଏକ କଳାମେଘ
ଭାସି ଭାସି ଆସି କାହୁଁ
ଢାଙ୍କିଦିଏ ଜହ୍ନ ତନୁ ଅଧେ
ହେଉ ପଛେ କ୍ଷଣଟିଏ ପାଇଁ ।

ସୁନ୍ଦର ଏ ରକ୍ତିମ ଗୋଲାପ
ଅଧିକ ଗୋଲାପୀ ଦିଶେ
ଯଦି କାହୁଁ ଉଡ଼ିଆସି
ମନଭରି ପିଏ ମଧୁ
ଅମାନିଆଁ କଳାଭୁଆଁ ଭଅଁରଟେ
ପ୍ରୀତି ମୁଗ୍ଧ ନିଷ୍ଠୁର ପୀଡ଼ନେ
ଅଧା ଢାଙ୍କି ତନୁ ତା'ର
ଆଲିଙ୍ଗନେ କରେ କ୍ଷତ
ଅର୍ଦ୍ଧ ତା'ର କମନୀୟ ଅଙ୍ଗ ।

ନାରୀ ଦେହେ ସୃଷ୍ଟି ହୁଏ
ଲାଳିତ୍ୟ ଲହରୀ
ଯଦି ଅଧା ଢାଙ୍କେ ଝିନବାସ,

Digitized by srujanika@gmail.com

ଆଉ କୃଷ୍ଣ କବରୀକୁ ଅଧା ଛାଇ ଦେଇ
ରଜନୀଗନ୍ଧାର ମାଳ
ସୃଷ୍ଟି କରେ ଭିନି ଭିନି ବାସ୍ନାର ଝରଣା
ଗୋଲାପୀ ଅଧର
କରେ ଆକର୍ଷିତ
ଯଦି ସ୍ମିତହାସ ଲାଖି ରହିଥାଏ
ଅଧରର ଉପକୂଳେ
କାଳିକାଇ ଉଙ୍କିମାରେ
ସରୁ ଚିବୁକ୍‌ରେ ।

ଚଞ୍ଚଳ ହରିଣୀ ଆଖି
କରେ ସମ୍ମୋହିତ
ଯଦି ରହେ ଅର୍ଦ୍ଧ ନିମିଳିତ
ଅକୁହା ତା' ମତୁଆଲୀ ଅନ୍ତରର କଥା
କହେ ସବୁ ଆଖିରେ ଆଖିରେ ।

ମର୍ମସ୍ପର୍ଶୀ ହୁଏ ନିବେଦନ
ଯଦି ଲୁହ ଦୁଇଟୋପା
ଅଧା ଝରି ଲାଖି ରହେ
ଶ୍ୟାମାୟିତ ଚିବୁକ୍ ଉପରେ
ସତେ ଅବା ଶାରଦୀୟ ନରମ ସକାଳେ
କାକରର ମୋତି ଢଳଢଳ
ଶ୍ୟାମ ଦୂର୍ବା ତନୁ ପରେ ।

ଆମ୍ର ତରୁ ପତ୍ର ଉହାଡ଼ରୁ
କୋକିଳର ମଧୁର କାକଳୀ
ବିରହୀର ଦରଦୀ ମନକୁ
କରିଥାଏ ସିକ୍ତ

Digitized by srujanika@gmail.com

ଯଦି ଅର୍ଦ୍ଧଲୁପ୍ତ ତମସାର କୋଳେ
ପାହାନ୍ତିଆ ତାରା ଲିଭୁଥାଏ,
ଚଇତାଳି ପବନର ମତୁଆଲୀ ବାସ୍ନା
ତନୁ ମନ ଛୁଇଁ ଛୁଇଁ ଯାଏ ।

ଲୁଆରିଆ ହୋଇଛି ସାଗର
ବେଳାଭୂମି କରେ ସ୍ନାନ ବାରବାର
ପ୍ରେମର ପରଶ ହୁଏ ସ୍ନିଗ୍ଧ
ଯଦି ଅର୍ଦ୍ଧ-ଅସ୍ତ ତପନର ଲାଳିମାରେ
ସିକ୍ତ ହୋଇଯାଏ
ପ୍ରାଚୀ କୋଳୁ ପୂର୍ଣ୍ଣମୀର ଚାନ୍ଦ ଉଙ୍କିମାରେ
ଲାଜେ ଲାଜେ ସଞ୍ଜ ତାରା
ଦୀପ ଜାଳେ କାହା ପ୍ରତୀକ୍ଷାରେ ।

ସେ ସୁଷମା ଥାଉ ଗିରି ଶିଖରରେ
ଅବା ଅଥଳ ଅତଳ ଜଳେ
ନର୍ତ୍ତକୀର ଘୁଣ୍ଣୁଝୁଣ୍ଣୁ ତାଳେ ଅବା ଥାଉ
ହୁଏ ପୂର୍ଣ୍ଣ ପ୍ରସ୍ଫୁଟିତ
ଯଦି ହୁଏ ଅର୍ଦ୍ଧ ପ୍ରକାଶିତ
ଅନ୍ୟ ଅର୍ଦ୍ଧ ହୁଏ ଉପଲବ୍ଧ
କବିତ୍ୱର କଳ୍ପନା ମାଧ୍ୟମେ ।

୨୭.୦୩.୧୯୯୨

Digitized by srujanika@gmail.com

ବୁଢ଼ା

(୧)

ବୁଢ଼ା କିଏ ?
କ'ଣ ହୋଇପାରେ
ବୁଢ଼ାର ପରିଚୟ ?
କେବେ ବୁଢ଼ାକୁ ପଚାରିଛ ?
ପଚାରିଛ କେବେ ନିଜକୁ ?
ପଚାରି ନ ଥିବ
କାରଣ ସମୟ ଆସିନି,
ଯାହାର ଆସିଛି
ସେ ବି ପଚାରି ନ ଥିବ;
କିଏ ବା ଭଲପାଏ
ବୁଢ଼ା ହେବାକୁ ।

(୨)

ତୁମେ ଶୁଣିଥିବ, ଶୁଣୁଥିବ
ମା' କହିବାର
"ବୁଢ଼ାଟିଏ ହେଲୁଣୁ; ବୁଦ୍ଧି ସୁଦ୍ଧି କିଛି ହେଲାନାହିଁ"
ଗୁରୁଜନ କହିବାର
"ବୁଢ଼ାଟିଏ ହୋଇଥା"
ନିଶ ଉଠୁ ଉଠୁ ଭାଉଜ ଠୁଁ

Digitized by srujanika@gmail.com

"ଏଥର ବାହାଘର କରିଦେବା"
ବାହା ନ ହୋଇ ବୟସ ତିରିଶ ଧରିଲେ
"ବୁଢ଼ାଟାକୁ କିଏ ବାହାହେବ"
ପଚାଶ ଟପି ଯଦି ଷାଠିଏ ଆଡ଼କୁ ମୁହାଁଇଲା ବୟସ
ଛାତ୍ର କହେ :
"ବୁଢ଼ା ଆସିଗଲା"
ବୋହୂ କହେ :
"ବୁଢ଼ାଟି ଭଲ, ବୁଢ଼ୀ ଖାଲି ଗରଗର"
ସ୍ତ୍ରୀ କହେ :
"ବୁଢ଼ାଟିଏ ହେଲଣି, ପିଲାଳିଆ ବୁଦ୍ଧି ଗଲାନାହିଁ"
ମନ୍ତବ୍ୟ
ବେଳେବେଳେ କଟୁ
ବେଳେବେଳେ ମଧୁ
କେତେବେଳେ ଖଟା
କେତେବେଳେ ମିଠା
ଚିଡ଼୍‌ଚିଡ଼ା
ପୁଣି କେତେବେଳେ
ସ୍ନେହ ସେକା ।
ବୁଢ଼ାକୁ ଯେ ଭଲପାଏ
ବୁଢ଼ାର ବୟସ ତାକୁ କମ୍ ଦିଶେ
ଭଲ ନ ପାଇଲେ, ବେଶୀ ଦିଶେ
ତା'ହେଲେ ଏ ବୁଢ଼ାଟି କିଏ ?

(୩)

ଏ ବୃଦ୍ଧ
ପକ୍ୱ କେଶ, ଅଥଚ ମନ ତାରୁଣ୍ୟର
ମନ ଝୁରେ ଜହ୍ନ
ଜହ୍ନ ଝାରେ ଜ୍ୟୋସ୍ନା

Digitized by srujanika@gmail.com

ଜ୍ୟୋତ୍ସ୍ନା ହୁଏ ମଦିରା
ମଦିରା କରେ ଆତ୍ମହରା
ଚୁମିବାକୁ ଇଚ୍ଛା ହୁଏ କଳାଙ୍କାଇ ତା'ର
ବିତିଯାଏ ବିନିଦ୍ର ରଜନୀ ।

ବିମୋହିତ କରେ ଲାଲ୍ ରଙ୍ଗ
କରେ ମତୁଆଲା ରକ୍ତିମ ଅଧର
ଆରକ୍ତ ପଣତ ଅବା
ଲାଲ ଟୁକୁଟୁକୁ
ସାଧବର ବୋହୂ ।
ସଙ୍ଗୀତ ବି କରେ ଆତ୍ମହରା
ଆନମନା କରେ ମଧୁର ରାଗିଣୀ
ନର୍ତ୍ତକୀର ଘୁଙ୍ଗୁରର ସ୍ୱନ ।
ମଳୟ ବହେ ମନ ଅଗଣାରେ
କୁସୁମିତ ହୁଏ ଗୋଲାପ ଅନେକ
ଆଖି ଚାହେଁ ଦେଖିବାକୁ ଦୂର ବନାନୀ
ଆକାଶର କମନୀୟ ନିଳିମା
କ୍ଷିପ୍ର ସ୍ରୋତସ୍ୱିନୀ ନିର୍ଝରିଣୀ ।

ସେ କବି ହୋଇଯାଏ;
କବିତାରେ ଫୁଟିଉଠେ
ତାରୁଣ୍ୟର ଢେଉ
ଲଙ୍ଘି ଲକ୍ଷ୍ମଣର ରେଖା ।
ପ୍ରଶ୍ନିଳ ଆଖିମାନେ ସତେଜ ହୁଅନ୍ତି
ଦେଖି ଏ ବୃଦ୍ଧ ଶରୀରେ
ସବୁଜର ମନ !
ସେ ହୁଏ ଶରବ୍ୟ
କଟୁ ମନ୍ତବ୍ୟର

Digitized by srujanika@gmail.com

ଫିଦା ହେଲାଣି ସେ ନିଶ୍ଚେ
କାହାରି ଉପରେ ।

ସେ କି ଜାଣିନି
ତା'ର ଅଜ୍ଞାତରେ ବାର୍ଦ୍ଧକ୍ୟ
ତାକୁ କରିଅଛି ଗ୍ରାସ
ଶୁଭ୍ରକେଶ ସବୁଜ ମନକୁ
ତା'ର କରିଦେବ ଶେଷ ।
ଏ ନିର୍ଦ୍ଦୟ ସମାଜ କେବେ ସହିବନି
ବୃଦ୍ଧ ଶରୀରରେ ତାରୁଣ୍ୟ ରାଜତ୍ୱ ।

(୪)

ସତେ କ'ଣ ଏ ବୃଦ୍ଧ ଏତେ ଅନାଦୃତ !
ବିନିଯୋଗ କରିଅଛି ତା'ର
ସବୁ ଜ୍ଞାନ ଆଉ ଶକ୍ତି;
ଅବସର ଗ୍ରହଣ କରିଛି;
ଉପାର୍ଜନ କ୍ଷମତା ଲୁପ୍ତ;
ଜୀବନରେ ଉପଭୋଗ ବେଳା ବି
ହୋଇଛି ସମାପ୍ତ ।
ଆଉ ଅଛି କି ଆବଶ୍ୟକ ?
ଆବଶ୍ୟକ କିବା ଆଉ ବଞ୍ଚି ରହିବାଟା
ପୁରାତନ ଦର୍ଶନ ବି ବିଦାୟ ନେଲାଣି;
ନୂତନ ପିଢ଼ି ସଙ୍ଗେ
ସୃଷ୍ଟି କରେ କଟୁ ମନାନ୍ତର ।

ଏ ବୃଦ୍ଧ ଜରଦ୍‌ଗବମାନେ
ଏ ଜନବହୁଳ ମର୍ତ୍ତ୍ୟରୁ
ଶୀଘ୍ର ପଳାୟନ କଲେ ବରଂ

Digitized by srujanika@gmail.com

ଅନଟନ ଗ୍ରସ୍ତ ସମାଜ
ସମସ୍ୟା ବହୁଳ ପୃଥିବୀ
ଆଶ୍ୱସ୍ତ ଲଭିବ,
ଅଭାବର ହୋଇବ ଲାଘବ
ଧରିତ୍ରୀର ସବୁ ଦୁଃଖ ହେବ ଅପଗତ !

ବେଳେବେଳେ ପ୍ରଶ୍ନ ଉଠେ :
ଏ ସମ୍ବାଦପତ୍ରମାନେ, ଜୀର୍ଣ୍ଣ ଓ ପୁରୁଣା,
କେତେଦିନ ଆଉ ଏବେ ସାଇତା ରହିବେ
ବୃଦ୍ଧଙ୍କର ସମାଜ ଏକ ହୋଇଗଲେ ଗଢ଼ା
ଯୁବା ପିଢ଼ି ସତେ କ'ଣ
ହୋଇବ ଆଶ୍ୱସ୍ତ
ଆଉ ହେବ
ମୁକ୍ତ ଦାୟିତ୍ୱରୁ ! !

(୫)

ଢାଙ୍କିବାକୁ ବୃଦ୍ଧତ୍ୱ ଆଗ୍ରହ ପ୍ରବଳ
ଶୁଭ୍ରକେଶ ସଯତ୍ନରେ ପାଲଟିଛି କୃଷ୍ଣ
ପ୍ରଜାପତିଆ ନିଶ ପାଉଛି ମନକୁ
ଅଙ୍ଗେ ଶୁଶୋଭିତ ପରିପାଟୀ ମନପସନ୍ଦର
ମହକୁଛି ଚତୁର୍ଦ୍ଦିଗ ଅତର ବାସ୍ନାରେ
ଯଦି ଦୈବାତ୍ କେଶ ହୁଏ ଅସଜଡ଼ା
ପକେଟସ୍ଥ ସୁନେଲୀ ପାନିଆ
ଅବିଳମ୍ବେ ହୁଏ ଆବିର୍ଭାବ ।
ଲାଗୁଛି-
ବୟସ ନିଶ୍ଚୟ ଅନେକ କମିଛି
କିନ୍ତୁ ହାୟ !
କାହିଁପାଇଁ ମାଇପିଏ

Digitized by srujanika@gmail.com

ଦାନ୍ତ ଚିପି ହସୁଛନ୍ତି
ସେଥିପାଇଁ ମନ ଟିକେ
ରହିଗଲା ଊଣା ।

(୬)

ଏ ବୁଢ଼ାକୁ ଦେଖି
ଭାରି ଘିନା ଲାଗୁଛି
ଆଖିଏ ନେଙ୍ଗରା
ପାଟିଏ ପାନ
ପାନ ପିକ ବୋହି ଯାଉଛି
ତମାମ୍ ଜାମା ଗଲାଣି ତିନ୍ତି ।
ନାକ ପୁରେଇଛି ସବୁ କଥାରେ
ମାମଲତକାର ବୋଲାଉଅଛି
ସବୁବେଳେ ଖାଲି ନାହିଁ ନାହିଁ
କେତେବେଳେ ସେ ଚିଡ଼ିଚିଡ଼ି
ରାଗରେ କେବେ ଗରଗର
ବୁଢ଼ା ପାଖରେ ଆଉ ରହି ହବନି
ଯମ ଏ ବୁଢ଼ାକୁ କାହିଁ ନଉନି ?

ବୁଢ଼ାଟି ସିନା
ମୁହଁକୁ ହାଣି
କାଉନ୍ଦାଙ୍କ ପରି
ନିରସ ମନରେ
ଘରଟି କୋଣରେ
ବସି ରହନ୍ତା;
ପଦେ ଅଧେ କଥା
କହିଲେ କହୁ
ଖୁଁ ଖୁଁ କାଶ ଲାଗି ରହନ୍ତା;

Digitized by srujanika@gmail.com

ବୁଢ଼ାଟି ହେଲା
ଲୋଭ ନ ଥାନ୍ତା
କା'ର ହାନିଲାଭେ
ମୋଟେ ନ ଥାନ୍ତା
ଖାଲି ଠାକୁରଙ୍କ ନାମ
ଜପ କରନ୍ତା
ମାଳି ଗଡ଼ାନ୍ତା
ଗୀତା ଭାଗବତ ପୁରାଣ ବହି
ବୁଢ଼ୀ ପାଖେ ବସି ଶୁଣାନ୍ତା
ଯେ ଯାହା ଦିଅନ୍ତା
ଉଁ ଚୁଁ ମୋଟେ ନ କରି
ଟକ୍‌ଟାକ୍ ଗିଳି ଦିଅନ୍ତା ।
ସେ ଖାଲି ଘରେ ଥାଆନ୍ତା ।
ପିଲାଏ କେବେ ଗଲେ ବାହାର
ଘର ଦାଣ୍ଡମୁଣ୍ଡେ ଜଗି ରହନ୍ତା ।

ବଙ୍କୁଲି ବାଡ଼ି ନ ଧରୁ ପଛେ
ନଇଁ ନଇଁ ବୁଢ଼ା
ଆସ୍ତେ ଚାଲନ୍ତା
ଲଣ୍ଡାମୁଣ୍ଡ ନ ହେଲା ନାହିଁ
ଏତେ ଲମ୍ବାଳିଆ ଚୁଟି କାଟି ଦିଅନ୍ତା ।
ଭଲ ଲାଗନ୍ତା ।

Teenageer ପରି
ଜୀବନର ମଜା
ଆଉ ନ ଲୁଟି
ତିନିକୋଡ଼ି ଦଶ
ଲୋକଟି ପରି
ବେରସିକିଆ ଲାଗୁଥାଆନ୍ତା ।

Digitized by srujanika@gmail.com

ଦେଖଲୋ ମିତ
ଯେତିକି ଯେତିକି ଏ ବୁଢ଼ା ହେଉଛି
ରସିକିଆଣ ପଣ ବଢ଼ିଯାଉଛି
ବୁଢ଼ାଟି ଦେହରେ ଟୋକାର ମନ
ସିଁ ସିଁ ବେଗରେ ଗଜା ମାରୁଛି ।
ହାୟରେ ହାୟ ! ଟି.ଭି. ପରଦାରେ
ସେ ବୁଢ଼ାକୁ ଦେଖ
ଯେଉଁଠି ଟୋକା ଟୋକିଏ ମିଳି
ନାଚ କରନ୍ତି ଗୀତ ତାଳରେ
ସେଇ ତାଳରେ ରସିକ ବୁଢ଼ା
ମୁଣ୍ଡ ଟୁଙ୍ଗାରି ଗଡ଼ିଯାଉଛି ।
ଦେଖିବାକୁ ତାକୁ ଚିଡ଼ି ଲାଗୁଛି ।
ଟି.ଭି ପରଦାରେ ବୁଢ଼ା ଯଦି ଆସନ୍ତା
କୃଷି ଦର୍ଶନରେ ଠିକ୍ ଲାଗନ୍ତା ।

(୭)

ପିନ୍ଧିବନି ଜମା ନାଲିଆ କୁରୁତା
ତମେ ଯେବେ ବୁଢ଼ା ହେବ
ସଭାଙ୍କନେ
ତମେ ଯେବେ ବୁଢ଼ା ହେବ
ଯଦି ଭାରି ଇଚ୍ଛା ନାଲି ପିନ୍ଧିବାକୁ
ଛିଟିଛିଟିକା ହୋଇ ନଥିବ
ସଭାଙ୍କନେ
ତମେ ଯେବେ ବୁଢ଼ା ହେବ ।

ଆଧୁନିକ ଗୀତ ମୋଟେ ଶୁଣିବନି
ଝିଅ ଯଦି ଗାଉଥିବ
ସଭାଙ୍କନେ

Digitized by srujanika@gmail.com

ଝିଅ ଯଦି ଗାଉଥିବ
ଯଦି ଭାରି ଇଚ୍ଛା, ତା' ଗୀତ ଶୁଣିବ ।
ଭଜନ ବରାଦ କରିବ
ସଭାଜନେ
ତମେ ଯେବେ ବୁଢ଼ା ହେବ ।

(୮)

ଜେଜେ ବସିଛନ୍ତି
ଜାକିଜୁକି ହୋଇ
ମନ ଶୁଖାଇ
ଅନ୍ଧାରୁଆ ଘରଟି କଣେ;
ଝାଉଁଳି ଯାଇଛି
ହସ ହସ ମୁହଁ
ଟାଣ କରି ନିଘେ
କହିଛି କିଏ !
ନାତି ଜେଜେଙ୍କର ପଡୁଛି ଭଲ
ମଜାଳିଆ ଗପ ଶୁଣିବା ଚାଲ
ଠୋ ଠୋ ହସର ଝରଣା
ଝରଝର ହୋଇ ବହିଯାଉଛି
ଦେଖ ଲୋ ମିତ !
ପାକୁଆ ପାଟିରେ ଗଦଗଦ ହସ
ଦେଖିବାକୁ ଭାରି ଭଲ ଲାଗୁଛି
ମଝି ପୁରୁଷଙ୍କ ସଙ୍ଗେ କଟର କଟର
ପ୍ରଥମ ଦ୍ୱିତୀୟ ଭଲ ପଟୁଛି ।

(୯)

ବୃଦ୍ଧ ଏକ ବୁଦ୍ଧ
ବୌଦ୍ଧତ୍ୱ ତା'ର

Digitized by srujanika@gmail.com

ବହୁମୂଲ୍ୟ ସମ୍ପତ୍ତି
ବହୁ କଷ୍ଟଲବ୍ଧ ଅଭିଜ୍ଞତା,
ଜ୍ଞାନ ଓ ଭାବନା
ଅନୁଭବ ଅତ୍ୟନ୍ତ ଦୁର୍ଲଭ
ଏକାନ୍ତ କାମ୍ୟ ।
ପଡ଼ିଲେ ବିପତ୍ତି
ଅଭିଜ୍ଞତା ଜ୍ଞାନ
ଛାଏଁ ସୃଷ୍ଟି କରେ
ଯୁବପିଢ଼ି ପାଇଁ ଏକ
ରକ୍ଷା କବଚ,
ସୁରକ୍ଷା ବଳୟ ।

ତେଣୁ ହେ ବାର୍ଦ୍ଧକ୍ୟ
କିଏ କହେ
ତମେ ଅନାବଶ୍ୟକ !
କିଏ କହେ ତମେ
ବୋଝ ସମାଜର ! !
କିଏ କରେ ହତାଦର ! ! !
ତମେ ତ ଆମର
ଏକାନ୍ତ ନିଜର;
ମଙ୍ଗଳମୟ ସାରା ଜଗତର ।

(୧୦)

ଯୁବପିଢ଼ି ମୁରୁକି ହସୁଛି
ନାହିଁ ଆବଶ୍ୟକ ତମ
ପୁରୁଣା ଭାବନା;
ଧରିତ୍ରୀ ବିପନ୍ନ ଆଜି
ନୂଆ ସମସ୍ୟା ଜ୍ୱାଳାରେ

Digitized by srujanika@gmail.com

ସେ ଜ୍ୱଳନକୁ ପ୍ରଶମିତ
କରିପାରେ କେବଳ ଯୁବାର କୂଳେ
ଓ ଦୁର୍ବାର କୌଶଳ ମାଧ୍ୟମେ ।

ତେଣୁ ହେ ବୃଦ୍ଧମାନେ
କୋଳାହଳ ବନ୍ଦ କର;
ପାର ଯଦି ଚୁପ୍ ହୋଇ ବସ,
ଟି.ଭି ପରଦାରେ
ଦେଖିପାର
ଆମେ କ'ଣ କରିପାରୁଁ !

ଜୁଲାଇ, ୧୯୯୬

Digitized by srujanika@gmail.com

ବିଳମ୍ବିତ ସ୍ୱାଗତ

ପୁରାତନ ନେଲାଣି ବିଦାୟ
ସାଗରର ବେଳାଭୂମି ପରେ
ଲଘୁଚାପ ସୃଷ୍ଟି ବି ହେଲାଣି
ନୀରବ ଝଡ଼ଟେ କାହୁଁ ଉଙ୍କି ମାରିଲାଣି ।

ତୁମେ ଗୋ ନୂତନ
କରୁଛି ସ୍ୱାଗତ
ହେଉ ପଛେ ବିଳମ୍ବିତ
ଶୂନ୍ୟସ୍ଥାନ କର ତୁମେ ପୂର୍ଣ୍ଣ ।

ଫେବୃଆରୀ, ୧୯୯୧

Digitized by srujanika@gmail.com

ଦ୍ରୌପଦୀ ଗୋ ବେଣୀ ବାନ୍ଧନା

ତମେ ତ ଭାରତ ରାଷ୍ଟ୍ରର ସମ୍ମାନାସ୍ପଦ କୂଳବଧୂ 'ଦ୍ରୌପଦୀ'
ପୂର୍ଣ୍ଣଯୌବନା, ଅପୂର୍ବ କମନୀୟ ଶ୍ୟାମ ଦୁର୍ବାଦଳ କାନ୍ତି
ନାରୀ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦାର ପ୍ରତୀକ
ଚକ୍ରବର୍ତ୍ତୀ ମହାପ୍ରତାପୀ ପାଣ୍ଡବଙ୍କ ପାଟରାଣୀ,
ଅସୂର୍ଯ୍ୟମ୍ ପଶ୍ୟା;
ତଥାପି—
ଉନ୍ମୁକ୍ତ କେଶକୁ ତମ
ଟାଣି ଟାଣି, ଝିଙ୍କି ଝିଙ୍କି
ଏପ ଅପରାଧୀକୁ କଂସେଇଖାନା ନେଲାପରି
ଘୋଷାରି ଘୋଷାରି;
ତମର ଆର୍ତ୍ତନାଦ ଓ ଚିତ୍କାରର ପ୍ରତ୍ୟୁତ୍ତରରେ
କରି କ୍ରୁର ଅଟ୍ଟହାସ୍ୟ
ଅତ୍ୟନ୍ତ ନିର୍ଲଜ୍ଜ ଭାବେ
ଉଭା କରାଇଲା ଭରା ରାଜସଭା ମଧ୍ୟେ
ସେ ପୁଣି ଆଉ କେହି ନୁହେଁ—
ଦୁଃଶାସନ,
ଦେବର ତୁମର !
ଆଉ—
ଧୃତରାଷ୍ଟ୍ରର ଉଚ୍ଚାକାଂକ୍ଷାରେ ପ୍ରୋତ୍ସାହିତ
କାମାନ୍ଧ କୁରୁ ଯୁବରାଜ

Digitized by srujanika@gmail.com

ଦୁର୍ଯ୍ୟୋଧନ,
ଭୁଲି ହିତାହିତ ଜ୍ଞାନ
କରିଥିଲା ଆଦେଶ କରିବାକୁ ବିବସନା
ଇଙ୍ଗିତ ଦେଇଥିଲା
ବସିବାକୁ ଅଙ୍କେ ତା'ର !

ସ୍ତମ୍ଭୀଭୂତ, ସ୍ତବ୍ଧ
ସଭାସ୍ଥିତ ସବୁ ମହାବୀର !
ବୟୋଜ୍ୟେଷ୍ଠ ପିତାମହ ଭୀଷ୍ମ
ଯାହାର ତୂଣୀରେ ଅକାଟ୍ୟ ବ୍ରହ୍ମାସ୍ତ୍ର;
ଶ୍ୱଶୁର ଧୃତରାଷ୍ଟ୍ର
ତମର ମହାଯୋଦ୍ଧା ପଞ୍ଚପତି, ତୁମ
ଅସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟ
କୁଳଗୁରୁ କୃପାଚାର୍ଯ୍ୟ
ମହାମନ୍ତ୍ରୀ ବିଦୁର;
ତଥାପି–
ଦୁର୍ଯ୍ୟୋଧନର ଏ ଆସ୍ପର୍ଦ୍ଧା ଓ ଔଦ୍ଧତ୍ୟ !
ଆନତ ମୁଖ ସଭିଙ୍କର
ସଭିଏ ନୀରବ ଦ୍ରଷ୍ଟା;
ବିଦୁରଙ୍କ ପ୍ରତବାଦ ବା କେଉଁ ଫଳ ଦେଲା !
ଯେପରି ସମସ୍ତେ ସ୍ଥାଣୁ, ସ୍ଥବିର, ମୂକ !

ଛି, ଛି, ଏ କି ଲଜ୍ଜାମୟ ଅଘଟଣ
ଫାଟିଗଲା ନାହିଁ କାହିଁ ମେଦିନୀର ମୁର୍ଦ୍ଧନା
ସହିନେଲା ଦ୍ୱାପର ଯୁଗର ଏ କି କଳଙ୍କମୟ ମୁହୂର୍ତ୍ତ !
ଆଉ ଜ୍ଞାନୀ ଗୁଣୀଙ୍କର ନିର୍ବୋଧ ସ୍ଥବିରତା !
ତମର ପ୍ରାଣସ୍ପର୍ଶୀ କ୍ରନ୍ଦନ
ସତେ ଅବା ଅରଣ୍ୟ ରୋଦନ,

Digitized by srujanika@gmail.com

ଅଦୃଶ୍ୟ ସତେ କି ଥିଲା
ତମର ଲାଞ୍ଛନା ! !
ପିତାମହ ଭୀଷ୍ମ
ବୟୋଜ୍ୟେଷ୍ଠ ଗୁରୁଜନଙ୍କ ବିରୁଦ୍ଧରେ
ଜିଜ୍ଞାସାର ବହ୍ନି
ଏବେ ବି ହୃଦୟରେ ହୁଏ ପ୍ରଜ୍ଜ୍ୱଳିତ;
ଅର୍ଜ୍ଜୁନ ଓ ଭୀମ ବିରୁଦ୍ଧରେ
ଘୃଣାରେ ଭରିଉଠେ ମନ ।
ଧିକ୍ ଧିକ୍ ସେ ବୀରତ୍ୱ !
ମୂକ ହେଲା ଗାଣ୍ଡିବ କାହିଁକି
ଥରେ ହେଲେ ଗର୍ଜ୍ଜିଉଠି ପାରିଲାନି !
ଆଉ ଗୁରୁ ଦ୍ରୋଣାଚାର୍ଯ୍ୟ !
ବୋଧହୁଏ ଆଶଙ୍କା ଥିଲା ତାଙ୍କର
ପ୍ରତିବାଦ କଲେ କାଳେ
ଅନ୍ନସଂସ୍ଥାନ ହୋଇବ ଦୁରୂହ ।

ସତେ ତମେ କେତେ ଅସହାୟ
ବିଶ୍ୱାସ କରିହୁଏ ନାହିଁ
ଦ୍ୱାପର ଯୁଗର
ସତୀ ଶିରୋମଣି
ସମ୍ମାନାସ୍ପଦା ଯାଜ୍ଞସେନୀ
ରାଜରାଣୀ ପାଞ୍ଚାଳୀ
ବଳୀ ଦିଆଯିବେ
ଜୁଆଡ଼ି ରାଜା ଯୁଧିଷ୍ଠିରର ବାଜି ଯୂପରେ
ଏତେ ଅସହାୟା ଭାବରେ !
ଜ୍ଞାତି କୁଟୁମ୍ବ ଗୁରୁଜନ ସମ୍ମୁଖରେ
ହେବେ ଲାଞ୍ଛିତା, ଅପମାନିତା
ପୁଣି, ଆଉ କେହି ନୁହେଁ
ନିଜ ଆତ୍ମୀୟଙ୍କ ଦ୍ୱାରା ।

Digitized by srujanika@gmail.com

ସେ ଦିନ
ଜଳୁଥିଲା ଦପ୍‌ଦପ୍‌
ତମର ଲୋତକଭରା
ରକ୍ତାଭ ଚକ୍ଷୁଦ୍ୱୟ
ପ୍ରତିଶୋଧର ବହ୍ନିରେ;
ଗର୍ଜି ଉଠୁଥିଲା କଣ୍ଠ
କୁରୁକୁଳେ କରିଥିଲା ହୃତ୍‌କମ୍ପ ସୃଷ୍ଟି
ଦୁଃଶାସନ ରକ୍ତେ
ବେଣୀ ବନ୍ଧନ କରିବାର ଭୀଷ୍ମ ପ୍ରତିଜ୍ଞାରେ !
ଆଜି ବି ଶୁଭୁଛି
ସେ ପ୍ରତିଜ୍ଞାର ପ୍ରତିଧ୍ୱନୀ
ତମର ଉନ୍ମୁକ୍ତ କେଶ
ଆଜି ବି କରେ ଭୀତତ୍ରସ୍ତ
ଦୁଃଶାସନ ବଂଶଧରେ ।

ତଥାପି
ଆଜିର ସମାଜରେ
ଦୁଃଶାସନମାନଙ୍କ ଭିଡ଼
ନାରୀ ନିର୍ଯ୍ୟାତନା
ଅତ୍ୟନ୍ତ ଅସହ୍ୟ ।
ଅସହାୟା ତରୁଣୀ
ଦୁଃଶାସନ ବାହୁବନ୍ଧନରେ
ସର୍ବସ୍ୱ ଲୁଣ୍ଠିତା !
ବିଚାରୀ—
ଏକାକୀ କ'ଣ ବା କରିପାରେ ?
ଦୁଃଶାସନମାନେ ଚତୁଃପାର୍ଶ୍ୱେ ତା'ର
ରହିଛନ୍ତି ବେଢ଼ି, ରଚି
ଅଟ୍ଟହାସ୍ୟର ମହୋତ୍ସବ ।

Digitized by srujanika@gmail.com

ଆଜି ବି ଚାଲିଛି
ଧୃତରାଷ୍ଟ୍ରର ଅନ୍ଧ ଶାସନ
ଆଜିର ଭୀଷ୍ମ ଓ ବିଦୂର
ସମସ୍ତେ ନୀରବ ।
ବିବସ୍ତ୍ରା ନାରୀ କିଂକର୍ତ୍ତବ୍ୟ ବିମୂଢ଼ା
ଲଜ୍ଜାରେ ଅପମାନିତା
ଲୋଟି ପଡ଼ିଛି ମା' ଧରିତ୍ରୀ ବକ୍ଷରେ;
ମୁଦ୍ରିତ ନୟନୁ ତା'ର
ଝରିଯାଏ ଝରଝର
ଅବାରିତ ଅଶ୍ରୁଧାର ।
ତେଣୁ ହେ ଯାଜ୍ଞସେନୀ !
ତମଠାରୁ ସତେ ସେ
କେତେ ଅଧିକ ଅସହାୟା !

ସ୍ୱାମୀ ତା'ର ଭୀମ ନୁହେଁ ଯେ
ଦୁଃଶାସନର ବାହୁ ଉତ୍ପାଟନ କରିବ-
ଆଉ ଶତ୍ରୁ ରକ୍ତରେ ତା'ର ଗଭା ଭରିଦେବ;
ସେ ଅର୍ଜୁନ ନୁହେଁ ଯେ
ଦୁର୍ଯ୍ୟୋଧନର ପାପାଗ୍ନିକୁ
ପ୍ରଜ୍ୱଳିତ କରୁଥିବା କର୍ଣ୍ଣକୁ ହତ୍ୟା କରିବ !

ସେ ଏକ ସାଧାରଣ ନାରୀ
ହୁଏତ ଚାପୁଡ଼ାଟିଏ ମାରିବାର ଶକ୍ତି
ବା ସାହସ ନ ଥିବ ତା'ର
ଲାଞ୍ଛିତା ନାରୀ ସବୁ ଦିଗରୁ ନିରୂପାୟା ।
ଏହି ଗୋଟିଏ ମୁହୂର୍ତ୍ତ ପରେ
ସେ ହେବ
ବିବସନା, ପତିତା, କଳଙ୍କିନୀ
ଯାହାର ସ୍ଥାନ ନାହିଁ ସମାଜରେ ।

Digitized by srujanika@gmail.com

କିଏ କରିବ ପ୍ରତିଶୋଧ ?
ଆର୍ତ୍ତନାଦ କିଏ ସେ ଶୁଣିବ ? ?
କିଏ ବା କରିବ ଲଜ୍ଜା ନିବାରଣ ? ? ?

ଶ୍ରୀକୃଷ୍ଣ ତମ ସଖା ଥିଲେ ବୋଲି ସିନା
ମାନ ରକ୍ଷା ଲାଗି
କୋଟି ବସ୍ତ୍ର କଲେ ଦାନ
କଲେ ଲଜ୍ଜା ନିବାରଣ !

ଏବେ କାହାନ୍ତି ସେ
ପତିତପାବନ ଦୀନବନ୍ଧୁ !
ଏକାନ୍ତ ଅସହାୟା
ଆଜିର ଭୂମିନୀ
କରୁଣ ମିନତୀରେ
ଡାକିଲେ ବି ଯେତେ
କେବେ ଶୁଣିବେ କି
ପ୍ରିୟ ସଖା ତୁମ !

ତା' ହେଲେ
ଏ ନିର୍ଯ୍ୟାତନାର ପ୍ରତିକାର କାହିଁ ?

ଥାଆନ୍ତା କି
ଶୀବାଜୀଙ୍କ ବାଘନଖ
ହୋରି ଖେଳନ୍ତା
ଆଧୁନିକ ଆଫ୍‌ଜଲ ଖାଁର ରକ୍ତରେ
ଥାଆନ୍ତା କି
କଲ୍‌କୀ ଅବତାରଙ୍କର ବାରହାତି ଖଣ୍ଡା
ମୁଣ୍ଡ କାଟି ସାଜନ୍ତା
କାଳୀ, କପାଳୀ
ନରମୁଣ୍ଡମାଳୀ;

Digitized by srujanika@gmail.com

ଥାଆନ୍ତା କି ଅବା
ସ୍ୱୟଂଚାଳିତ ବନ୍ଧୁକ
ଦୁଃଶାସନର ଆପାଦମସ୍ତକ
ଧୂଳିନିପାତ ଅବଧି
ଦାବି ରଖନ୍ତା ଟ୍ରିଗାର,
ମହିଷାସୁର ମର୍ଦ୍ଦିନୀଙ୍କ ବର୍ଚ୍ଛା ନ ଥିଲେ ବି
ଥାଆନ୍ତା କି
ଚାମୁଣ୍ଡୀର ତୀକ୍ଷ୍ଣ ଦାନ୍ତ
ପୁଳାପୁଳା କାମୁଡ଼ି
ଚିଁ ଚିଁ ରକ୍ତପାନ କରନ୍ତା !

କିନ୍ତୁ ହାୟ !
ଦୁଃଶାସନର ଆକ୍ରମଣବେଳେ
ଆଜିର କୃଷ୍ଣା ହାତେ
ଥାଏ କ'ଣ ?
ଖଣ୍ଡିଏ ରୁମାଲ,
ନେଳ୍ଟାଏ ଚାବିକାଠି,
ପରିବା ଥଳିଟିଏ,
ଛୋଟ ବ୍ୟାଗ୍
ଓ ସେଥିରେ ହୁଏତ
କିଛିଟା ଚୁନା ପଇସା,
ଲିପ୍‌ଷ୍ଟିକ୍,
ଆଉ ଅସ୍ତ୍ର ହିସାବରେ
ମୁଣ୍ଡକଣ୍ଟା କେତୋଟି
ଅବା ଗୋଟିଏ ନେଲ୍‌କଟର ।

ପ୍ରଚଣ୍ଡ ଘୂର୍ଣ୍ଣିବାତ୍ୟା ସମ୍ମୁଖରେ
ସାମାନ୍ୟ ବିଞ୍ଚଣା କି କେବେ
ତିଷ୍ଠିପାରେ ?

Digitized by srujanika@gmail.com

ତା' ହେଲେ–
ସେ ଖାଲି ରହିଯିବ
କଳୁଷିତ ସମାଜର
ଏକ ଧର୍ଷିତା ଲାଞ୍ଛିତା ନଷ୍ଟ ଚରିତ୍ରର
ଦୃଷ୍ଟାନ୍ତଟିଏ ହୋଇ ।

ପାଞ୍ଚାଳି ଗୋ !
ହୋଇନାହିଁ ଅଦ୍ୟାବଧି ଶେଷ
କର୍ତ୍ତବ୍ୟ ତୁମର;
ଦୁଃଶାସନ ଏବେ ବି ବଞ୍ଚିଛି
ବସ୍ତ୍ରହରଣ ଏବେ ବି ଚାଲିଛି
କର ତୁମେ ପ୍ରତିକାର ବିଧାନ
ଦୁଃଶାସନ କବଳରୁ ରକ୍ଷା କର
ନାରୀର ସମ୍ମାନ
ଉନ୍ମୁକ୍ତ କର ପୁଣିଥରେ
କୁନ୍ତଳ ତୁମର
ଦୁଃଶାସନର କୁଢ଼ କୁଢ଼ ଶବର ରକ୍ତରେ
ଭିଜିଯାଉ କୁରୁକ୍ଷେତ୍ର ବକ୍ଷ
ଶାଗୁଣା ବିଲୁଆମାନେ
ଝୁଣି ଝୁଣି ଖାଆନ୍ତୁ ପାପୀଙ୍କୁ
ତମର ସେ ଯାଜ୍ଞସେନୀ
ଚକ୍ଷୁରେ ଜଳିଉଠୁ ଆଉଥରେ
ଲେଲିହାନ ଶିଖା !
ଦ୍ରୌପଦୀ ଗୋ !
ତୁମେ ତେଣୁ ବେଣୀ ବାନ୍ଧନା !

କଥା-ସେପ୍ଟେମ୍ବର, ୧୯୮୯
ରବିବାର ସମ୍ବାଦ- ୧-୭ ଅକ୍ଟୋବର ସଂଖ୍ୟା

Digitized by srujanika@gmail.com

କ'ଣ ଲେଖିବି

ବେଳେବେଳେ ଇଚ୍ଛା ହୁଏ
କିଛି ଲେଖିବାକୁ;
ଅନୁରୋଧ ବି ଆସେ;
କିନ୍ତୁ କ'ଣ ଲେଖିବି ?

ନୀଳ ଆକାଶ,
ଦୂର ବନାନୀ କଥା
ଅବା
ଦୂର ଦିଗ୍‌ବଳୟ ମଥାରେ
ସିନ୍ଦୂରବିନ୍ଦୁ ପରି
ଅସ୍ତାଚଳଗାମୀ ସୂର୍ଯ୍ୟଙ୍କ କଥା,
ଅଥବା
ଚନ୍ଦ୍ରବିଧୌତ ରଜନୀରେ
ଶୁଭ୍ର ରଜନୀଗନ୍ଧାର ସୁରଭି କଥା
ବା
ପରୀ ରାଇଜର
ଝିଲିମିଲି ରାଜକୁମାରୀ କଥା,
କ'ଣ ଲେଖିବି ?

ଥାଉ,
ଏ କଥା ସବୁ ପୁରୁଣା ହେଲାଣି ।

Digitized by srujanika@gmail.com

ଆଉ
ଦେଶାତ୍ମବୋଧ କବିତା ?

ନା, ନା
ଆବଶ୍ୟକ ନାହିଁ
ଆମେ ସମସ୍ତେ ଦେଶପ୍ରେମୀ;
ଆମର ସମସ୍ତ ଯୋଜନା
ଗୃହାଭିମୁଖୀ :
ମୋ ଅଟ୍ଟାଳିକା
ମୋ ସମ୍ପତ୍ତି
କାହାର କି ?
ସବୁ ତ ଦେଶର !

କିଛି ଉପଦେଶ ?

Bore !
ସବୁଠାରୁ ଶସ୍ତା commodity
ସବୁଠାରୁ ବେଶୀ ଅନାଦୃତ !
କିଏ ବା ନ ଜାଣେ
'ସତ୍ୟମ୍ ବଦ'
'ଗୁରବେ ନମଃ'
'ଅଧ୍ୟୟନମ୍ କୁରୁ' ।

ଆଉ ପ୍ରେମ କବିତା ?
ପାହାଚ ତଳେ
କିମ୍ବା କୃଷ୍ଣଚୂଡ଼ା ଗଛ
ଛାଇ ଆଲୁଅରେ
ଆତ୍ମବିଭୋର
ତରୁଣ ଓ ତରୁଣୀଙ୍କ
ଖିଲି ଖିଲି ହସ !
ସେମାନଙ୍କ କଥା ?

Digitized by srujanika@gmail.com

ସାବଧାନ
ଗୁରୁଙ୍କ ପକ୍ଷେ ଶୋଭା ପାଏନା ।

ଆତ୍ମକଥା ?

ସମାଲୋଚନା ହେବ ।

ପରମାତ୍ମା କଥା ?
ଏଥିରେ ଆପତ୍ତି ନାହିଁ;
ସବୁଠାରୁ ନିରାପଦ ରାସ୍ତା
ବରଂ ଏହି ରାସ୍ତାରେ ରହି
ସୁବିଧା ଉଣ୍ଡି
କଣେଇ କଣେଇ
ଚାରିଆଡ଼େ ଚାହିଁପାର,
ବେଶୀ ନୁହେଁ,
ପାଦେ କି ଦୁଇପାଦ,
ମାତ୍ର ହୁଡ଼ିପାର ।

ତା'ହେଲେ ମୁଁ କିଏ ?

ଏକ ଅସ୍ତିତ୍ୱ ବିହୀନ ପ୍ରାଣୀ
ଏକ ମପାଚୁପା
ଧରାବନ୍ଧା
ରାସ୍ତାର ପଥିକ,

କିଛି ଲେଖିବାର ନାହିଁ
ଯଦି ନିହାତି ହୁଏ ଆବଶ୍ୟକ,
ବହୁ ଅନୁରୋଧ ପରେ,
ତେବେ ଲେଖିପାର
"ହରେ କୃଷ୍ଣ ହରେ ରାମ..." ।

Digitized by srujanika@gmail.com

ଚମ୍ବଲରେ ସୂର୍ଯ୍ୟାସ୍ତ

ଶେଷ ଅଶିଣର ସୂର୍ଯ୍ୟ
ଯାଉଥିଲା ପହଁରି ପହଁରି
ନୀଳ ଆକାଶର ସାଗର ବକ୍ଷରେ ।
ହଠାତ୍ ପଶ୍ଚିମ ଉପକୂଳେ
ମଥା ତା'ର ପିଟି ହୋଇଗଲା; ଆଉ
ତା' ତୋଫା ମୁହଁ ନାଲି ପଡ଼ିଗଲା ।

ଅଜସ୍ର କୋଣ ଅନୁକୋଣେ
ଭାଗ ଭାଗ ହୋଇଥିବା ଫୁଙ୍ଗୁଳା ଛାତିରେ
କ୍ଷତବିକ୍ଷତ, ଶତଭଙ୍ଗୁର ଦନ୍ତୁରିତ
ସଞ୍ଜ ନଇଁ ଆସୁଥିଲା—ଆଉ
କାକରର ବିନ୍ଦୁ ବିନ୍ଦୁ ବର୍ଷା ଝରି ପଡୁଥିଲା ।

ଇଲିଶ ମାଛ, ଶିରା କାଟି
ଆଗେଇଲା ପରି
ଉତ୍କଳ ଏକ୍ସପ୍ରେସ୍
ଚମ୍ବଲର ନିସ୍ତବ୍ଧର ବକ୍ଷ ଚିରି
କ୍ଷିପ୍ର ଗତିରେ ଏକମୁହାଁ ଧାଉଁଥିଲା;
ଡରି ଡରି, ଥରି ଥରି;
ଯଦି ଡାକୁ ମାନସିଂ ଅବା ଫୁଲନ୍‌ଦେବୀ
ଘୋଡ଼ା ପିଠିରେ କଦମ୍ ପକାଇ
ଆମ ଟ୍ରେନ୍ ପଛେ ଧାଉଁଥିବେ

Digitized by srujanika@gmail.com

କାନ୍ଧରେ ଏ.କେ-୪୭ ରାଇଫଲ୍
ଓ ବୁଲେଟ୍‌ର ପଇତା ପିନ୍ଧି ।

ଘୋଡ଼ା ପିଠିରୁ ଲମ୍ଫ ଦେଇ
ସତେ ଯଦି ଡାକୁଟିଏ
ଆମ ଡବାକୁ କୁଦି ଆସେ
ଆଉ କହେ, "ମୁଁ ଡାକୁ ଗବର ସିଂ"
ଯାହାର ନାଆଁ ଶୁଣି
ହୁଏତ ପଚାଶ ମାଇଲ ପରିଧିରେ
ମାଆ କୋଳେ ଶିଶୁ ଭୟଭୀତ ହୋଇ
ଶୋଇପଡ଼େ ଜାକିଜୁକି ହୋଇ
ଆମେ ଯାତ୍ରୀମାନେ କ'ଣ ଭାବନ୍ତୁ !
ଭୟରେ ଡରିମରି
କାନ୍ଦବୋବାଳି ପକାନ୍ତୁ ?

ସେ ଡାକୁମାନେ ସତେ କ'ଣ
ଏତେ ମୂର୍ଖ ?

ଡାକୁଙ୍କ ଜୀବନ ଝୁଲିଥାଏ
ସରୁ ସରୁ କୁଟାଖିଅଟାରେ
କେବଳ ନିରୀହମାନଙ୍କ ସମ୍ମୁଖରେ
ସେମାନେ ନିର୍ଭୀକ ଆଉ ବେପରୁଆ ଭାବ
ଅଥଚ ଆଇନକୁ ଭାରି ଡର
ବାସସ୍ଥାନ କରିଛନ୍ତି
ନିବିଡ଼ ଜଙ୍ଗଲ କନ୍ଦିରେ
ଖାଲି ପୁଲିସ୍ ଡରରେ;

ପରିବାର ପରିତ୍ୟକ୍ତ ପଛେ ରହିଲାଣି
ଦୂରେ ବହୁଦୂରେ ।

ଏମାନେ କି ଜାଣନ୍ତି ବି
ପରିହାର କରି ଡକାୟତି

Digitized by srujanika@gmail.com

କରିବେ ରାଜନୀତି ଯଦି
ସମାଜରେ ବଢ଼ିବ ଇଜ୍ଜତ
ସାଲ୍ୟୁଟ୍ ମାରିବ ପୁଲିସ
ବନ୍ଧୁକ ଫୁଟାଇ ଟ୍ରେନ୍ ପଛେ
ଧାଇଁବାର ନାହିଁ ଆବଶ୍ୟକ
ସ୍ପଷ୍ଟ ଦିବାଲୋକେ, ଗୋଟିଏ ମୁହୂର୍ତ୍ତରେ
ଲୁଟି ହେବ ଟଙ୍କା କୋଟିଏ କୋଟିଏ ।
ସେଥିପାଇଁ କ'ଣ ସତେ ଆଜି
ପେଟେଇ ଶୋଇଛି ଚମ୍ବଲ୍
ଶୁନ୍‌ଶାନ୍ ହୋଇ !

ସେମାନେ ସାଜିଛନ୍ତି ଆଜି
ରାଜନୀତିର ଦଲାଲ୍
ଅଙ୍ଗୁଳି ବାରମ୍ବାର ମୋଡୁଅଛି ନିଶ
ବିଚ୍ ବଜାରରେ
ଜମିଲାଣି ସେମାନଙ୍କ ଭିଡ଼
ତା' ହେଲେ, ଏ ଡବାରେ
ଗବ୍ବର ସିଂ ନାମଧାରୀ
ଡାକୁଟି କିଏ ?

ହୋଇଥିବ ବୋଧହୁଏ
ଗଙ୍ଗା ଯମୁନାର ଦିଲ୍ଲୀପ କୁମାର
ଅବା ସୋଲେର ଆମ୍‌ଜାଦ୍ ଖାଁ ପରି
କେଉଁ ଏକ ଫିଲିମ୍ ଷ୍ଟାର
ଆସିଥିବେ ସୁଟିଂରେ ।

ଭଲ ହେଲା; ଚାଲ ତାଙ୍କ ସଙ୍ଗେ
ଫିଲିମ୍ ଦୁନିଆଁର କଥା ଗପସପ୍ ହେବ।
ଏ ବୋରିଂ ଟ୍ରେନ୍ ଯାତ୍ରା
କିଛି କିଛି ଉପଭୋଗ୍ୟ ହେବ ।

❖

Digitized by srujanika@gmail.com

ଗଣିତ

ଗଣିତ ଏକ ତର୍କ
ତର୍କ ଆଧାରେ ଜ୍ଞାନ
ଜ୍ଞାନ ଏକ ମିମାଂସା
ଜ୍ଞାନ ହିଁ ସମ୍ପତ୍ତି
ସମ୍ପତ୍ତି ହିଁ ଶକ୍ତି
ଖଡ୍‌ଗଠୁଁ ତୀକ୍ଷ୍ଣ
ବଜ୍ରଠୁଁ କଠିନ
ମୁକ୍ତାଠୁଁ ମହର୍ଗ (ମୂଲ୍ୟବାନ୍)
ସୂର୍ଯ୍ୟଠୁଁ ଦୀପ୍ତିମୟୀ
ଅମୃତଠୁଁ ମଧୁର
ବଣ୍ଟନେ ବୃଦ୍ଧି
ଗୁପତେ କ୍ଷୟ
ଜ୍ଞାନ ଏକ ତର୍କ
ତର୍କ ହିଁ ଗଣିତ ।

Digitized by srujanika@gmail.com

ପ୍ରତୀକ୍ଷା

ବିନିଦ୍ର ରଜନୀ
ବାସନାମାନେ ରହିଲେ ଅଧୁରା
ଶୀତୁଆ ପାହାନ୍ତା
ଚାହୁଁ ଚାହୁଁ ସିନ୍ଦୂରା ଫାଟିଲା
ନିରସ ସକାଳକୁ ଜନ୍ମଦେଇ
ରାତି ପାହିସାରିଥିଲା ।

ପୁଣି ମଧ୍ୟାହ୍ନ ଟପିଲା
ହେଲା ଅପରାହ୍ଣ
ତଥାପି ସେ ବାହୁଡ଼ି ନଥିଲା ।

ଅନ୍ଧାରମାନେ ପୁଣି
ଗ୍ରାସିଲେଣି ଆକାଶକୁ;
ଜୁଳୁଜୁଳା ପୋକମାନେ
ନେଉଥାଗଛ ଚାରିପଟେ
ଲୁଚକାଳି ଖେଳରେ ବ୍ୟସ୍ତ,

ଭଲ ହେଲା, ଆକାଶରେ ଜହ୍ନ ନାହିଁ ଆଜି
ସେ ଥିଲେ, କରନ୍ତା ଟାପରା
ମୁରୁକି ହସନ୍ତା ଏବଂ ନିମିଷକେ
ଜାଣି ଦିଅନ୍ତା ନ ଶୁଣି
ଚୁଡ଼ି କଙ୍କଣର ରୁଣୁଝୁଣୁ ତାନ
ମନ ମୋର ହେଉଛି କିପରି ବିଦଗ୍ଧ ଓ ବିଷର୍ଣ୍ଣ ।

❖

Digitized by srujanika@gmail.com

ବିଦ୍ରୋହ

ଗରମ !
ଅସହ୍ୟ ହେଲାଣି;
ଚାଲ ଆମେ ମିଶି
ଏକ ପ୍ରାଇଭେଟ୍ ସୂର୍ଯ୍ୟ
ବରାଦ କରିବା;
କମ୍ ତାତିର;
କିମ୍ବା ଏ ସରକାରୀ
ଉଗ୍ର ସୂର୍ଯ୍ୟଙ୍କୁ
ଘରୋଇକରଣ କରି
ଏହାର ସମସ୍ତ ସମ୍ପତ୍ତିକୁ
ବ୍ୟାଜ୍ୟାପ୍ତ କରିଦେବା
ଓ ସମାନ ସମାନ କରି
ବାଣ୍ଟି ନେବା
ସୁମେରୁରୁ କୁମେରୁ ପର୍ଯ୍ୟନ୍ତ ।

ସମୁଦ୍ର କୂଳରେ ଭୁବନେଶ୍ୱର;
ଭୂଗୋଳରେ ପଢ଼ିଥିବା ସବୁ
ଜ୍ଞାନକୁ ବେଖାତିର କରି
ଏହାର ତାତି ଚଉରାଳିଶ;
ଏଥିରୁ ତିନି କାଢ଼ିନେଇ

Digitized by srujanika@gmail.com

ସମୁଦ୍ରଠୁଁ କାହିଁ କେତେଦୂରେ
ଦିଲ୍ଲୀ ନଗରୀରେ
ଅଣଚାଳିଶ ତାରିଖରେ
ସାମିଲ୍ କରିଦେବା ।
ନ ହେଲେ-
ଆମେ ହରତାଳ କରିବୁ
ଅନଶନ କରିବୁ
ବିଦ୍ରୋହ କରିବୁ,
ତା' ବିରୁଦ୍ଧରେ
ଯେ ସୂର୍ଯ୍ୟକୁ ଡୋରିରେ ବାନ୍ଧି
ଆମ ଚାରିପାଖେ ଘୁରାଉଛି ।

ଚନ୍ଦ୍ର ଆମର କେତେ ଭଲ;
ସେ ଉଇଁଲେ
ସ୍ନିଗ୍ଧ ଅମୃତର ବର୍ଷା ହୁଏ
ମନ ଚହଲେ
ରୋଗୀ ବି ହସେ ।
କେତେ ସେ ମହାନ୍;
ରାତିର କିଟିକିଟିଆ
ଅନ୍ଧାରକୁ କାଟିଦେଇ
ଜୋହ୍ନା ବିଛିଦିଏ
ଯିଏ ଯେତେ ସାଉଣ୍ଟି ସାଉଣ୍ଟି
ଖାଇଲେ ବି ସରେ ନାହିଁ
ଆଞ୍ଜୁଳା ଆଞ୍ଜୁଳା
ପିଇଲେ ବି ।

ଆଉ ଏ ସୂର୍ଯ୍ୟ;
ଶୀତଦିନ କଥା ନିଆରା (ଦୋସରା)

Digitized by srujanika@gmail.com

ତୁଚ୍ଛା ଖରାଦିନଟାରେ
ଯେତେବେଳେ ତା'ର ଦରକାର ନାହିଁ
ଦେହରୁ ଗମ୍‌ଗମ୍ ଝାଳ
ନିଗିଡ଼ି ପଡ଼ୁଛି
ଝାଞ୍ଜି ବହୁଛି
ହାଲିଆ ଲାଗୁଛି
ଶୋଷରେ ତଣ୍ଡି ଶୁଖିଯାଉଛି
ଭେଣ୍ଡିଆ କୁଆଁନ୍ ଗଛ ଝାଉଁଳି ଯାଉଛି
ସଭିଏଁ ଥକ୍କା ଓ ନୟାନ୍ତ ହେଲେଣି
ଠିକ୍ ସେତିକିବେଳେ
ସେ ଉଇଁବ;
ଆଉ ଆଗକୁ
ବାର ହନ୍ତସନ୍ତ କରିବ ।

❖

Digitized by srujanika@gmail.com

ଆତଙ୍କବାଦୀ

ଆତଙ୍କବାଦୀ !!!
ସେ ଏକ ଅଶୁଭ ସଙ୍କେତ
ଛଳନାରେ ଭରପୂର
ଏକ ପ୍ରତାରକ
ବିପଥଗାମୀ
ଅନ୍ୟାୟ ପଥର ପଥିକ;
ଅତୀବ ଧୂର୍ତ୍ତ
ଅତ୍ୟନ୍ତ କାପୁରୁଷ;
ଠିକ୍ ଶୃଗାଳ ପରି;
ମାଟି ତଳେ ରଚିଥାଏ
ଗୋପନ ସୁଡ଼ଙ୍ଗ ଅନେକ,
ଅତିଶୟ ଅଙ୍କାବଙ୍କା
ଲମ୍ବି ଲମ୍ବି ଯାଇଥାଏ
ନଈ ବଣ ପାହାଡ଼ ପର୍ଯ୍ୟନ୍ତ ।

ବିପଦର କିଛି ମିଳିଲେ ଆଭାସ
ସାତ ତାଳ ପଙ୍କ
ପଙ୍କ ତଳେ କଂକ୍ରିଟ୍ ଘରୁଆରେ
ଆତ୍ମଗୋପନ ପାଇଁ
ରଚିଥାଏ

Digitized by srujanika@gmail.com

ଏକ ନୁହେଁ
ଅନେକ ସୁରକ୍ଷିତ ବଙ୍କର ।

ଅହରହ ଜଳୁଥାଏ
ପରଶ୍ରୀକାତରତା ଈର୍ଷାରେ;
ଅନ୍ୟର ଗୌରବ ତାକୁ କରେ ମ୍ରିୟମାଣ
ଅନ୍ୟର ହସରେ କଇଁ କଇଁ କାନ୍ଦେ
ଆଉ ଅନ୍ୟର କାନ୍ଦରେ ମନଫୁଲା ହସେ
ମର୍ମାହତ ହୁଏ ଅନ୍ୟର ଉନ୍ନତିରେ
ଅନ୍ୟର ପ୍ରଶଂସା ଦିଏ ତାକୁ ଅସହ୍ୟ ଯନ୍ତ୍ରଣା
ସେ ଯନ୍ତ୍ରଣା ସୃଷ୍ଟି କରେ ହିଂସାର ଅବଳ
ଏ ଜ୍ୱଳନ କରେ ତାକୁ କ୍ଷିପ୍ର ଆଉ ଉଗ୍ର
ସେ ହୋଇଯାଏ ଏକ ଆତଙ୍କବାଦୀ ।

ସୃଷ୍ଟି କରେ ଆତଙ୍କର ପ୍ରଳୟ ବିଭୀଷିକା
ପ୍ରଗତି ଓ ଗୌରବର ସୌଧ
କରିଦେବା ପାଇଁ ଧ୍ୱଂସ
ସେ ହେଉ ପଛେ କେଉଁ ବ୍ୟକ୍ତିର
ଜାତିର, ଗୋଷ୍ଠୀର ବା ଦେଶର
ତିଳେହେଲେ ନଥାଏ ଶୋଚନା ।

ବାରମ୍ବାର ଆଚରଣ କରେ
ଛଳନାର ପନ୍ଥା
ଉଦ୍ଭାବନ କରେ ବିସ୍ଫୋରକ ଦ୍ରବ୍ୟ
ପ୍ରୟୋଗ ମାତ୍ରକେ ସୃଷ୍ଟି ହୁଏ
ଅଚାନକ ଝଡ଼, ଅସ୍ଥିରତା ।

ଏ ଦ୍ରବ୍ୟ ହୋଇପାରେ
ଗୋଲାପୀ ରଙ୍ଗର

Digitized by srujanika@gmail.com

ମୁଦା ଲଫାପାରେ ଏକ
ବେନାମୀ ଚିଠି;
ବାହାବେଦୀରେ
ଢାକିଢୁକି ହୋଇ ବସିଥିବା
ମଙ୍ଗୁଳା କନ୍ୟାର ସୁନେଲୀ ସ୍ୱପ୍ନକୁ
ଚୁର୍‌ମାର୍ କରିଦେବା ପାଇଁ ।
ହୋଇପାରେ ଛଦ୍ମନାମ ବୋହିଥିବା
ଏକ ପ୍ରଚାରପତ୍ର
ବିବର୍ଣ୍ଣ କରିଦେବା ପାଇଁ
ଗୌରବମୟ ପୁରୁଷର ଯଶ
ହୋଇପାରେ ଏକ କାମଳ ସାମ୍ବାଦିକତା
ଯେ ବିକ୍ରି ହୋଇଯାଏ ଆତଙ୍କବାଦୀଠାରେ
ଜନମତକୁ ଉଜାଣି ବୋହି ନେବାପାଇଁ
ଅସତ୍ୟର ବୁଢ଼ିଆଣୀ ଜାଲ ବୁଣେ ।

ସେ ହୋଇପାରେ ପୁଣି
ପୁତନାର ବିଷମୟ ସ୍ତନ,
ମାତୃତ୍ୱର ଛଦ୍ମ ପରିଚୟ ତଳେ
ଶିଶୁର ପ୍ରାଣ ନାଶ କରେ ।
ଆତଙ୍କବାଦ ବଞ୍ଚିରହେ
ଛଦ୍ମବେଶ ଉହାଡ଼ରେ
ଅନ୍ଧାରୀ ଗହ୍ୱର ମଧ୍ୟରେ
କଳା ପୋଷାକର ଆବରଣ ତଳେ
ଅତର୍କିତ ଆକ୍ରମଣ ପାଇଁ
ଉଣ୍ଟୁଥାଏ ସଦା
ଉପଯୁକ୍ତ ସମୟ ଓ ସୁଯୋଗ ।

ତା'ର ଶିକାରରେ ହେଲେ ଆତଙ୍କିତ
ସେ ହସେ ମନଖୋଲା ହସ

Digitized by srujanika@gmail.com

ଭାବିନିଏ ଜୟ ହେଲା
ଆତଙ୍କବାଦର ।

ଆତଙ୍କବାଦ ହୋଇନାହିଁ ସୃଷ୍ଟି
ଗଲା କାଲିଠାରୁ
ଏହାର ଚେର ଭେଦିଅଛି
ବହୁ ଗଭୀରକୁ
ଆମର ସଭ୍ୟତା ଗଢ଼ା ହେବା ଦିନଠାରୁ ।
ମାରୀଚର ସ୍ୱର୍ଣ୍ଣ ମୃଗ ବେଶ
ଶ୍ରୀରାମଙ୍କୁ ବି ପଥଚ୍ୟୁତ କଲା;
ଭିକ୍ଷୁ ବେଶେ ଚୋରିଲା ରାବଣ
ଲକ୍ଷ୍ମୀ ସୀତା ଠାକୁରାଣୀ
ଶକଟାଶୁର ବି ତ
ତଣ୍ଟି ଚିପୁଥିଲା
କଳା କାହ୍ନୁଙ୍କର ।

ଏ ଶତାବ୍ଦୀ
ସହସ୍ରାବ୍ଦ ହେବ
ପ୍ରଗତିର ଯୁଗ;
ବିଜ୍ଞାନରେ ସଂଗଠିତ ହେବ
ଅପୂର୍ବ ସାଫଲ୍ୟ
ବୈଭବରେ ବସୁନ୍ଧରା ହେବ ପରିପୂର୍ଣ୍ଣ ।
ଅର୍ଣ୍ଣପୂର୍ଣ୍ଣା ହୋଇବ ଧରିତ୍ରୀ ।

କିନ୍ତୁ ହାୟ ! ଏହି ପ୍ରଗତି ଜାଳିବ
ହୁତହୁତ କରୁଥିବା ରଡ଼ ନିଆଁ
ଆତଙ୍କବାଦର ମନରେ
ପ୍ରଚଣ୍ଡ ହିଂସାର କୋପରେ ।

Digitized by srujanika@gmail.com

ଆତଙ୍କବାଦ ଉଗ୍ରରୁ ହେବ ଉଗ୍ରତର
ବିଶ୍ୱ ହେବ ଜର୍ଜରିତ
ଅଶାନ୍ତ ଝଡ଼ରେ ।
ଆତଙ୍କର ମୁକାବିଲା ହୁଏ ନାହିଁ
କରି ଆତଙ୍କ ମାଧ୍ୟମେ,
ଆତଙ୍କବାଦୀ ସାଜି ଧ୍ୱଂସ
କରିହୁଏ ନାହିଁ ଆତଙ୍କବାଦୀଙ୍କୁ
ଆତଙ୍କର ବିଲୟ ଘଟିବ
ଯେତେବେଳେ ତମେ
ସତ୍ୟନିଷ୍ଠ ଓ ନିର୍ଭୀକ ସୈନିକ ସାଜିବ
ଠିକ୍ ଅର୍ଜୁନଙ୍କ ପରି
ହାତରେ ଗାଣ୍ଡିବ ଧରିବ
ଅବତୀର୍ଣ୍ଣ ହେବ ସମ୍ମୁଖ ଯୁଦ୍ଧରେ
ସେତେବେଳେ ବେଳେବେଳେ ହୁଏତ
ବାସୁଦେବ ତମର ସାରଥି ସାଜିବେ
ଆତଙ୍କର ବିଲୟ ଘଟିବ
ଏ ଯୁଦ୍ଧରେ ତମେ
ଜର୍ଜରିତ ହୋଇପାର,
ଧାରଧାର ରକ୍ତ
ଝରଝର ବୋହିପାରେ
କିନ୍ତୁ ଜୟ ହେବ କେବଳ ତମର
ଅର୍ଜୁନର
ସତ୍ୟ ଓ ନ୍ୟାୟର ।

Digitized by srujanika@gmail.com

କଟକୀ ବୁଢ଼ୀ

ହେଇଟି ଦେଖ
ଧୁକୁଡ଼ି ଚାଲିଛି
ହଜାର ବର୍ଷିଆ
କଟକୀ ବୁଢ଼ୀ
ଧରିଛି ହାତରେ
ବଙ୍କୁଲି ବାଡ଼ି ।
ନଇଁଛି କମର
ଚମ ଧୁଡୁଧୁଡୁ
ଥରୁଛି ମୁହଁ
ପାକୁଆ ପାଟି
ତଥାପି ହସ
ଖିଲିଖିଲି ତା'ର
ଅତି ସରସ ।

କେତେ ଅତୀତର ମରମ କଥା
କେତେ ବା କାହାର ଗୁପତ ବ୍ୟଥା
ମରମେ ଧରି
ଧୁକୁଡ଼ି ଚାଲିଛି
ଆଇମା' ବୁଢ଼ୀ ।

ଧକ୍ଷେଇ ଚାଲିଛି
ସେ ମହାନଦୀ

Digitized by srujanika@gmail.com

କରିକି ଆଁ
ଦେବ କି ଗିଳି ?
କାଠଯୋଡ଼ି ହାତ
ଲମ୍ୱାଇ ଦେଇ
ଧରିଛି ଚିପି ବୁଢ଼ୀର ବେକ
କ'ଣ ମୋଡ଼ି ଦେବ କି !

ଧନ୍ୟ ବାଇମୁଣ୍ଡି
ଧନ୍ୟ ତୋ ରଜା
ତିଆରି କଲୁ
ପଥର ବନ୍ଧ
ରକ୍ଷା କରିଦେଲୁ
କବଚ ଭଳି
ଆମ ବୁଢ଼ୀ ନାଡ଼ି ।

ବାରବାଟୀ ଦୁର୍ଗ;
ଗରବ କଲୁ
ମୋହିତ ହେଲୁ;
ତାରକସୀ ଫୁଲେ
ଗଭା ସାଜିଲୁ
ବେପାର କଲୁ;
ଓଡ଼ିଶୀ ନାଚ,
ବେଶ୍ ନାଚିଲୁ
ଜଗତ ଯାକର ମନ ମୋହିଲୁ ।
କଟକ ଚଣ୍ଡୀ
ଧ୍ୟାନେ ମଜ୍ଜିଲୁ
ଭୋଗ ଖାଇଲୁ;
ରେଭେନ୍‌ସା କଲେଜ
ପାଠ ପଢ଼ିଲୁ ମଣିଷ ହେଲୁ ।

Digitized by srujanika@gmail.com

ମାଲ ଗୋଦାମରୁ ସତୀ ଚଉରା
ଜୋବ୍ରା ରୋଡ୍‌ରୁ ଗଡ଼ଗଡ଼ିଆ
ଦୋଳମୁଣ୍ଡେଇ କି ବାଦାମବାଡ଼ି
ମଙ୍ଗଳାବାଗକୁ ନିମିଚଉଡ଼ି
ଛତରା ବଜାର ମାରୁଛି ହାଇ !
କରୁଛି ରଡ଼ି;
ଲଅଟା ଲଡ଼ିଆ ଲଅ ପଇସା
ଲବ ତ ଲିଅ; ଲ ଲବ ଲାଇ ।

ସବୁଠି ତୋହରି ନିଜ ଚେହେରା
କଟକୀ ବାସ୍ନା ସଂସାର ସାରା
ଏମିତି ସହର ଅଛି କି ଆଉ
ହଜାର ବରଷ ଗଲାଣି; ଯାଉ ।
ପାଳିନାହିଁ କେହି ଆଜି ଅବଧି
ଏମନ୍ତ ଉତ୍ସବ, ହଜାର ବରଷେ ହଜାର ବିଧି ।

ଭାଙ୍ଗି ନଥିଲେ ରୋମ୍ ସହର
ପାଳନ୍ତା ଉତ୍ସବ ଦୁଇ ହଜାର
ମହାଭାରତର ହସ୍ତିନାପୁର
ଥିଲେ ହୁଅନ୍ତା କି ତିନି ହଜାର !
ଆଠଶ ବରଷ ଜନମ ଦିନୁ
ଲଣ୍ଡନ ପାଳିଛି ଆମେ ତ ଜାଣୁ
କଲିକତା ଏବେ ହୋଇଛି ସିନା
ତିନିଶ ବରଷ ପୁରୁଣା ସୁନା ।

ଦେଖ ଲୋ ବୁଢ଼ୀ
ଆନ ନଗରୀର ରଙ୍ଗୀନ୍ ଶାଢ଼ି
ସେମାନେ କେତେ ଯେ ସଫାସୁତୁରା
ଫେସନେ ବିଞ୍ଚାନେ ତୋଫା ଚେହେରା
ବୁଢ଼ୀମା' ଆମର କଟକୀ ଛଇ

Digitized by srujanika@gmail.com

ଆଖି ଖୋଲିବାରେ ଦେଏ ଅନାଇ
ଆଲୁରୀ ବାଲୁରୀ ପାଚିଲା ଜଟାରେ କବରୀ ତୋର
ଅସନା-ବସନା ଶିଙ୍ଘାଣୀ ନାକରେ କି ଅଳଙ୍କାର !

ନର୍ଦ୍ଦମା ମାଳିନୀ
କ୍ୟାବିନ୍ ଶୋଭିତା
ଧୂଳି ଧୂସରିତା
ରିକ୍ସା ଅଧ୍ୟୁଷିତା
ମଶା ସଂକ୍ରମିତା
ଗୋବର ମଣ୍ଡିତା
ତୁହି ମା' ଜନନୀ
କଟକୀ ବୁଢ଼ୀ ।

ଭୁଲାଇ ଦେଲେରେ
ଭୁଲାଇ ଦେଲେ
ବୁଢ଼ୀକୁ ଆମର
ଭୁଲାଇ ଦେଲେ
ଖୁସି କରିବାକୁ
ମନ ତୋହର
କବି କହିଦେଲେ
"କଟକ ନଗର
ଧବଳ ଟଗର"
ଦଶଟା ବେଲୁନ୍
ଦୁଇଟି ଗୀତ
ଶସ୍ତା ଭାଷଣକୁ
ଗୋଟିଏ ନାଚ
ଦେଖ ଲୋ ମିତ !
ହଜାର ବରଷ ପୂର୍ତ୍ତି ଉତ୍ସବ
ମହା ଭରମ
ପାଳିଲୁ ନ ରଖି ମୁହେଁ ସରମ ।

Digitized by srujanika@gmail.com

କଟକୀ ବୁଢ଼ୀର କୋଳେ ବସିଲୁ
ରେଭେନ୍‌ସା ପ୍ରାଙ୍ଗଣେ ତପସ୍ୟା କଲୁ
ମନ୍ତ୍ରୀ ହେଲୁ
ନେତା ସାଜିଲୁ
କିଏ ଡାକ୍ତର,
କିଏ ଓକିଲ
ଇଞ୍ଜିନିୟର କିଏ
କିଏ ମାଷ୍ଟର
ଦେଶ ବିଦେଶରେ ନାଆଁ ବି କଲୁ
ପ୍ରତିଦାନେ ତାକୁ କଅଣ ଦେଲୁ
ସବୁ ଭୁଲିଲୁ ।

ରେଭେନ୍‌ସା ଛାତିରୁ
ଛାଡୁଛି କାତି;
ଗଲାଣି ଫାଟି
କନିକା କୋଠୀ;
ବହି ରଖିବାକୁ ନଥାଏ ଥାନ;
କି ହୀନିମାନ !

ହାୟରେ ହାୟ !
ତଥାପି ତୋହର
ଶୋଚନା ନାହିଁ
ନାଲି ରଙ୍ଗର ପାନଖିଆ ପାଟି
ଖିଲି ଖିଲି ହସ ପିଚିକି ପଡୁଛି
ସ୍ୱାଗତ କରୁଛୁ
ବିଭୋର ହୋଇ ।

(ମାର୍ଚ୍ଚ ୧୯୯୫ ମସିହା ଓଡ଼ିଶା ଗଣିତ ସଂସଦର ଦ୍ୱାବିଂଶ ବାର୍ଷିକ ଅଧିବେଶନ ଉପଲକ୍ଷେ;
ରେଭେନ୍‌ସା କଲେଜ ପ୍ରାଙ୍ଗଣରେ ଛପା ହୋଇଥିବା ସ୍ମରଣିକାରେ ଏ କବିତାଟି ପ୍ରକାଶିତ ।)

Digitized by srujanika@gmail.com

ପରୀକ୍ଷା

କାଲି ଏକ ଅନ୍ତିମ ପରୀକ୍ଷା
ଜୀବନ ପରେ ଏକ
ନୂଆ ମୋଡ଼ ନେବ
ଆଜି ଅନେକ ପ୍ରସ୍ତୁତି
କିନ୍ତୁ ହାୟ ! ସମୟ ସୀମିତ ।

ଆଜିର ଏ ଜହ୍ନରାତି
ମଳୟ, ରଜନୀଗନ୍ଧାର
ଲୁଚକାଳି ଖେଳ
ମନ ହୁଏ ଦିବସର
କ୍ଳାନ୍ତି ଧୋଇବାକୁ
ଲମ୍ଫ ଦେବି
ଜ୍ୟୋତ୍ସ୍ନା ସରୋବରେ ।

କିମ୍ବା ଏକ ନିମନ୍ତ୍ରଣ
ଭିନ୍ନ ପଥଗାମୀ ବନ୍ଧୁ କିମ୍ବା ବାନ୍ଧବୀର
ଭିଡିଓରେ ସିନେମା
ଟେବୁଲ୍ ଉପରେ
ଚିକେନ୍ ଓ ପଲାଉର ଭିଡ଼
ଅଥବା

Digitized by srujanika@gmail.com

ଦୂରେ, ବହୁଦୂରେ
ପ୍ରାଣପ୍ରିୟା ପ୍ରିୟତମା
କରିଛି ପ୍ରତୀକ୍ଷା
ବାତାୟନ ଫାଙ୍କେ
ଚୋରା ମଳୟ
କୁନ୍ତଳକୁ ତା'ର
ଅଙ୍କାବଙ୍କା କରେ ।
ମୁହଁ ତା'ର ଝାପ୍‌ସା
ଦିଶି ଯାଉଥାଏ ।

କିନ୍ତୁ ହାୟ !
କାଲି ଯେ ଅନ୍ତିମ ପରୀକ୍ଷା ।

ଜୀବନରେ ଜହ୍ନରାତି !
ନିଶ୍ଚୟ ଆସିବ;
ଆଜି ନ ହେଲେ
କାଲି ସିନେମା ଦେଖିବ,
ତମ ପାଇଁ ସେ ନିଶ୍ଚେ
ପ୍ରତୀକ୍ଷା କରିବ;
କିନ୍ତୁ ଏ ସମୟ
ଏ ମୁହୂର୍ତ୍ତ,
ଏ ପରୀକ୍ଷା,
ଥରେ ହଜିଗଲେ
ଆଉ ନ ଫେରିବ ।

Digitized by srujanika@gmail.com

ଜନ୍ମଦିନ

ଜନ୍ମଦିନ
ବାର୍ଷିକୋତ୍ସବ
କରିପାରେ ସୃଷ୍ଟି
ତମ ପାଇଁ ଅସୀମ
ସୁଖର ଦୁଆର ।

କିନ୍ତୁ ମୋ ପାଇଁ
ଏହା ଏକ
ନିର୍ଭୁଲ ଇଙ୍ଗିତ
ବୃଦ୍ଧତ୍ୱକୁ ଏକବର୍ଷ
ହୋଇଛି ନିକଟ (ସମୀପ) ।

କିଏ ଜାଣେ
ବିଗତ ବର୍ଷଟି ମୋର
କେଉଁ ରୂପେ ହେଲା ରୂପାୟିତ
କିଏ ବା କରିବ
ମୂଲ୍ୟାଙ୍କନ ୟା'ର
ଆଗାମୀ ଦିନରେ !

ପାଶେ ନାହିଁ ବେଳ
ଅତୀତକୁ ଫେରିଯିବା ପାଇଁ

Digitized by srujanika@gmail.com

ସାକାର କରିବାକୁ ଆଜିକାର ସ୍ୱପ୍ନ
ମୋର ପାଖେ
ଏତେ ରାତି ମଧ୍ୟ ନାହିଁ
କଳାକାହ୍ନୁ ମମତାରେ
ଗୋପପୁର ବିତିଗଲା;
ସେ ମଥୁରାରୁ ଗଲା ଦ୍ୱାରକାକୁ
ମଥୁରା ଭୁଲିଲା;
ଭୁଲିଲା ଦ୍ୱାରକା
ଭୁଲିଗଲା ତା'ର ସବୁ ଜନ୍ମଦିନ
ଭୁଲିଲା ଅତୀତ
ଶାନ୍ତିର ସ୍ଥାପନା ପାଇଁ
ପାଗଳ ସେ ହେଲା
ପଛକୁ ଫେରି ଚାହିଁଦେବା
ପାଇଁ, ତା'ର ପାଖେ
ତର କ'ଣ ଥିଲା ?

Digitized by srujanika@gmail.com

ଭୁଲ୍ ହୋଇଗଲା

ଧଳା, ଛାପିଛାପିକା ବିଲେଇଟିଏ
କିଛିଦିନ ତଳେ
ନରମ ସ୍ୱରରେ
ମ୍ୟାଉଁ ମ୍ୟାଉଁ କରୁଥିଲା; ଆଉ
ଲୁଚିଛପି ମାଛ ନେଉଥିଲା,
କ୍ଷୀର ବି ଲୁଚିଛପି ପିଇ ଦେଉଥିଲା
ଆମେ ବି, ଭୋକ କରୁଥିବା ଭାବି,
ବେଳେବେଳେ ଯାଚି କିଛି
ଖାଇବାକୁ ଦେଲୁ,
ସେ ପାଖକୁ ଆଉଜି ବସିଲା
ହାତ ଆଉଁଶା ବି ନେଲା ।

କିନ୍ତୁ ହଠାତ୍
ଏ କି ପରିବର୍ତ୍ତନ ତା'ର ?
ସେ କ'ଣ ଏକ ଆତଙ୍କବାଦୀ ପାଲଟିଗଲା
ନା ଜଳାତଙ୍କ ରୋଗର ଶିକାର ହେଲା ?
ରାତି ନ ପାହୁଣୁ
ପୁଣି ରାତି ଅଧଯାଏ,
ଖାଲି କର୍କଶ ଚିତ୍କାର;
ନରମ ମ୍ୟାଉଁ ମ୍ୟାଉଁ ଉଭେଇଯାଇ

Digitized by srujanika@gmail.com

ଘନ ଘନ କର୍କଶ ରଡ଼ି
ନରମ ମୁହଁଟିରେ
ରାଗ ଫୁଟି ଉଠୁଥିଲା ।

ଯା' କହିଲେ ଯାଉନାହିଁ ସେ
ଡରାଇଲେ ପଛଘୁଞ୍ଚା ନାହିଁ
ଓଲଟି ଡରାଉଛି,
ଯିଦି କରି ଖାଲି ଗର୍ଜନ କରୁଛି
ଜଳୁଛି ରାଗରେ
ଦେହ ଫୁଲେଇ ଫଁ ଫଁ ହୋଇ ।
ଚିତାବାଘ ପରି ଆଖି ଦୁଇଟା
ଦପ୍‌ଦପ୍ ଜଳୁଛି;
କେଉଁ ମୁହୂର୍ତ୍ତରେ ଲମ୍ଫ ଦେଇ
ବିଦୀର୍ଣ୍ଣ କରିଦେଇପାରେ ।

ସେ ରଡୁଥାଏ,
ଖାଲି ରଡୁଥାଏ
ଦୂରେଇ ରହିଲୁ ସମସ୍ତେ
ଖାଇବାକୁ କିଏ ବା ଦେବ !

କିନ୍ତୁ ହାୟ !
ବୁଝିବାରେ ଭୁଲ ହୋଇଗଲା,
ଆମେ ଜାଣି ନ ଥିଲୁ;
କେହି ରହୁ ନଥିବା
ଆମ ପାଖ ଘର ଅଗଣାରେ
ସେ ଛୁଆ ଦେଇଥିଲା ଚାରୋଟି
ପ୍ରାୟ ତା'ରି ଭଳି ରଙ୍ଗ,
କୁନି କୁନି ଗୁଲୁଗୁଲିଆ ।

Digitized by srujanika@gmail.com

ଛୁଆମାନେ ମା'ଠାରୁ ଦୁହିଁ
କ୍ଷୀର ଖାଉଥିବେ;
ବିକଳରେ ଆମ ଘରକୁ ଆସିଥିଲା
ଚିତ୍କାର ନୁହେଁ
ଭୋକରେ ଆଉଟୁପାଉଟୁ ହୋଇ
ଆର୍ତ୍ତନାଦ କରି
ଗଣ୍ଡେ ଖାଇବା ପାଇଁ
ଭିକ୍ଷା ମାଗୁଥିଲା ।

ସେ ଭାବି ନେଇଥିଲା
ଆମେ ତା' ନିଜର;
ଜୋର କରି ମାଗିପାରେ;
ନ ଦେଲେ ରାଗିପାରେ
ନିଜ ପେଟ ପୁରିଲେ ସିନା
ବେଶୀ କ୍ଷୀର ହେବ
ଆଉ ସେ ଛୁଆଙ୍କୁ ଖୋଇବ ।

ଆହା !
ଆମେ ସତେ କେତେ ଭୁଲ୍ କରିଦେଲୁ
ବୁଝିବାରେ ମସ୍ତବଡ଼ ଭୁଲ୍ ହୋଇଗଲା ।

❖

Digitized by srujanika@gmail.com

ସ୍ୱାଗତ

ହସି ହସି
କରୁଛି ସ୍ୱାଗତ;
କେବଳ ଶୋଚନା
କେବେ ହେବ
ବିଦାୟ ତମର ।

ବିତି ଯାଇପାରେ ଏଠି
ଦୁଇଟି ନୁହେଁ
ତିନୋଟି, ଚାରୋଟି ବା ପାଞ୍ଚଗୋଟି
ଦାରୁଣ ବୈଶାଖ
ତଥାପି
ପରୀକ୍ଷାର ଦିନ
ନ ହୋଇବ ଧାର୍ଯ୍ୟ ।

ଛାତ୍ର ଆନ୍ଦୋଳନ
ପରୀକ୍ଷା ଘୁଞ୍ଚୁ
ପ୍ରସ୍ତୁତି ନାହିଁ ।
ଯାଉ ପଦ୍ମ
ଯେତେ ଦୂରେ ଯାଉ
ଘୁଞ୍ଚୁଘୁଞ୍ଚିକା
ମା'ର ଆବେଗ ।
ଚିନ୍ତା ନାହିଁ ।

Digitized by srujanika@gmail.com

ବାପାଙ୍କ ଟଙ୍କା !
ପରବାୟ ନାହିଁ ।
ଦେଶ ଓ ଦଶ !!
ଶୋଚନା ନାହିଁ ।
ନିଜର ଭବିଷ୍ୟତ !!!
ହାଃ, ହାଃ
ଡାଉନ୍ ଡାଉନ୍
ମାତ୍ର ଛାତ୍ର ଏକତା
ଜିନ୍ଦାବାଦ୍ !

ତା'ପରେ
ଭଙ୍ଗାମନ
ଅନିଶ୍ଚିତ ଭବିଷ୍ୟତ
କୀଟଦଂଶ ସ୍ୱପ୍ନ
ପ୍ରିୟ ବା ପ୍ରିୟାର ପ୍ରତୀକ୍ଷା
ହାୟ ! ଅସହ୍ୟ ଯନ୍ତ୍ରଣା

(ସ୍ୱଗତୋକ୍ତି)
କାନ୍ଦିଲେ କି ହେବ କରୀନ୍ଦ୍ର ଗମନା
ଇନ୍ଦ୍ର କି ସହଜେ ଛାଡ଼ିବ !

ମାତ୍ର ଏ ବିହାର ଜନ୍ତାରୁ
ମୁକ୍ତିର ଶଙ୍ଖଧ୍ୱନୀ,
ବିଦାୟର ମହୁରୀ
ଶୁଭିବାର ସମ୍ଭାବନା,
କିଛି ବି ସୂଚନା
ଏଯାବତ୍ ମିଳି ପାରିନାହିଁ ।

(ଡିସେମ୍ବର ୧୯୯୦ ଛାତ୍ରମାନଙ୍କ ଦ୍ୱାରା ବାରମ୍ବାର ପରୀକ୍ଷା ଘୁଞ୍ଚାଇବା ପରିପ୍ରେକ୍ଷୀରେ ।)

❖

Digitized by srujanika@gmail.com

ମୁଁ ଅର୍ଜୁନ କହୁଛି

ତୀର ମୋର ବାଗିପାରେ
ଶତ୍ରୁର ଗନ୍ଧ
ଅନ୍ଧାର ପ୍ରତିବିମ୍ବ
ଯୁବତୀର ଭଙ୍ଗିଳ ଯୌବନ
ଏବଂ କୁରୁକ୍ଷେତ୍ରର ଶ୍ମଶାନ ।

କିନ୍ତୁ ଏ ତୀର ଅଜ୍ଞାନ ସେ ଦିନ
ତୁମ ପାଶେ;
ମୋ ଜୀବନ ରଖିଦେଇ
ତୀରକୁ କାଢ଼ି ତୀର ମୁନେ
ଠିକ୍ କଣ୍ଟାକୁ କଣ୍ଟାରେ
କାଢ଼ିଲା ପରି ।

ହିମାଳୟର ଅଚିହ୍ନା ଶୃଙ୍ଗକୁ
ରକ୍ତ ଜର୍ଜରିତ ମୋ ପାଦ ଦୁଇ
ଥକିଗଲା, ମାପିବାକୁ ଉଚ୍ଚତା ତା'ର
ଯେତେବେଳେ ଅନ୍ତିମ ସଉଦା କରୁଥିଲା
ଜୀବନ ମୃତ୍ୟୁଠାରୁ ।

ଧର୍ମ ଚାହେଁନା ଭାଇ
ଚାହେଁନା ବି ସ୍ୱର୍ଗ

Digitized by srujanika@gmail.com

କୁରୁକ୍ଷେତ୍ର ସବୁଠୁ ଭଲ
ଯେଉଁଠି ପାଞ୍ଚଭାଇର ଦୂରତ୍ୱ ନଥିଲା ।
ଏଠି 'ଭୂତ ସହର' ପରି
ପରିତ୍ୟକ୍ତ ମୁଁ
ଧର୍ମ ନାହିଁ,
ନାହିଁ ବି ମୋ ପାଖେ ଶକ୍ତି
କାହିଁ କେତେଦୂରେ
ସହଦେବ ଓ ନକୁଳ
ପରିତ୍ୟକ୍ତା ଦ୍ରୌପଦୀର ମୃତଦେହ,
ଭକ୍ଷିବେଣି ଶ୍ୱାନ କି ଶୃଗାଳ ।

ମନେପଡ଼େ ସବୁକିଛି ଆଜି
ସ୍ମୃତିର ଛାୟାଚିତ୍ର,
ମନ ପ୍ରେକ୍ଷାଳୟେ;
ବିଳାପ କରେ ପତିତ୍ୱ ମୋ
ହୃଦୟେ ଆତ୍ମାର ନିଷ୍ଠୁର ପ୍ରହାର ।
ଦ୍ରୌପଦୀ !
ମୋ ବୀରତ୍ୱର ପୁରସ୍କାର
ଜଡ଼ ବସ୍ତୁ ଭଳି ବଣ୍ଟା ହେଲା
ପଞ୍ଚ ଭାଇ ମଧ୍ୟେ,
ଇଚ୍ଛା ବା ଅନିଚ୍ଛା କେହି
ପ୍ରଶ୍ନ କଲେନାହିଁ
କୃଷ୍ଣାର ସଜଳ ଚକ୍ଷୁ
ମୋ ନୟନ ଆର୍ଦ୍ର କରିଥିଲା
ସମସ୍ତଙ୍କ ଅଜାଣତେ
ଝରୁ ଝରୁ ଅଶ୍ରୁ ମୋର
ଚକ୍ଷୁ କୋଣେ ବିଲୟ ଲଭିଲା ।

Digitized by srujanika@gmail.com

ମୁଁ କେବେ କରିନାହିଁ
ପ୍ରକାଶ୍ୟ ପ୍ରତିବାଦ
ମୋ' ଆତ୍ମାକୁ ଦଗ୍ଧ କରିଥିବା
ଆତ୍ମାମାନଙ୍କର ।
ମୁଁ କିନ୍ତୁ କ୍ଷୁବ୍ଧ
ମର୍ମାହତ, ତିକ୍ତ ଅତିଶୟ
ଠିକ୍ ସମୟ ପରି ।

ଏବେ ଏହି ଅନ୍ତିମ ସମୟେ
ଏଇ ମୋର ଶେଷ ଇସ୍ତାହାର
ଇତିହାସ ସାକ୍ଷୀ ରହୁ
ମୋ ମନର ଖୋଲା ଚିଠି
ସାରା ବିଶ୍ୱ ପାଇଁ ।

Digitized by srujanika@gmail.com

ହୋଇନାହିଁ ଯଥେଷ୍ଟ ପାକଳ

ମୁଁ ପୁରାତନ ଛାତ୍ର ନୁହେଁ
ନୁହେଁ ମଧ୍ୟ ଗୁରୁ ପୁରାତନ
ଏଠି ଜଣେ ଶରଣାର୍ଥୀ ଖାଲି ।

ତମ୍ବୁଟାରେ ରହିଛି ତ, ରହିଥାଉ
ତାଙ୍କ କଥା ପଛେ ବୁଝା ହେବ
ଯଦି ପ୍ରଶ୍ନ ଉଠେ,
ଅବା ହାତ ଟେକେ
ଢେଉରା ଚାଲେ
ପଛୁ କୋଳାହଳ ହୁଏ ।
ତମେ ବସ,
ପାଳି ଆସିନି
ବାଣୀବିହାରର ଏ ପୁରାତନ
ପାଣିଟାଙ୍କି ଉଦକରେ
ତମର ସିନିଅରିଟି ଇଟା
ଅଧାବଧି ହୋଇନାହିଁ
ଯଥେଷ୍ଟ ପାକଳ ।

Digitized by srujanika@gmail.com

ଏ କିଏ

ମୁଁ ଏକ ଉପପାଦ୍ୟ;
କର୍ମଭୂମି ମୋର ବୁଢ଼ା ରାଜା,
ବୁର୍ଲା ପାହାଡ଼ର ପାହାଚ,
ଜୀବନର ମୂଲ୍ୟବାନ ଅଠରଟି ବସନ୍ତର ବିନିମୟେ
ଅଙ୍କୁରିତ ପଲ୍ଲବିତ ଓ ସଂଗଠିତ
ଏକ ଉପପାଦ୍ୟ ମୁଁ।

ଗୋଲାପୀ ରଙ୍ଗର କୋଠା
ଅତି ପରିଚିତ ମୋର ତୃତୀୟ ପ୍ରକୋଷ୍ଠ
ମେଲାଣି ନେଲି ବିଷାଦ ମନରେ;
ଯେଉଁ ମାଟିରେ କଲି ପଦାର୍ପଣ
ସୃଷ୍ଟି ହେଲା ଏକ ଗୁଞ୍ଜରଣ
ଦୃଷ୍ଟି ଥିଲା ପ୍ରଶ୍ନିଳ :
ଏ ବ୍ୟକ୍ତି କିଏ ?

ମନ ଘାରେ ଅତୀତର ସ୍ମୃତି,
ବେଳେବେଳେ ଫେରିଆସେ
ହଜିଲା ଦିନକୁ
ମୋ ହାତ ଛୁଆଁ
ଚିଆଁ ଗଛମାନେ ଆଜି

Digitized by srujanika@gmail.com

ମଣ୍ଡିତା ପୃଷ୍ଠରେ
ହସି ହସି ସ୍ୱାଗତ ଜଣାନ୍ତି ।

ସମୟର ବ୍ୟବଧାନେ
ସୃଷ୍ଟି ହେଲାଣି ସେଠି କେତେ
ନୂଆ ନୂଆ ଆଖି
କେହି କେହି ଦୋ-ଦୋ ଚିହ୍ନା
କେହି ବା ଅଚିହ୍ନା ।

ଧୀରେ ଧୀରେ ଦୃଷ୍ଟି ମଧ
ହୋଇଲା ପ୍ରଶ୍ନିଳ :
"ଏ ବ୍ୟକ୍ତି କିଏ ?"

ଜୀବନର କ୍ଳାନ୍ତ ଅପରାହ୍ନେ
ମୁଁ ଅନୁଭବ କରେ
ମୁଁ ତାଙ୍କର ହେଲି ନା ତୁମର ?
ନା ଏ ପକ୍ଷର ବା ସେ ପକ୍ଷର !
କିନ୍ତୁ ମୋ ପାଇଁ ଏହା ଏକ
ଅବାନ୍ତର ପ୍ରଶ୍ନ !
ମୋ ଅନ୍ତରର
ଉପପାଦ୍ୟ - ଅନୁସିଦ୍ଧାନ୍ତ ବନ୍ଧନୀରେ ଆବଦ୍ଧ
ସଭିଏଁ ମୋହର
ପ୍ରିୟ ଆପଣାର ।

Digitized by srujanika@gmail.com

ମୋ ଗାଁ ଜହ୍ନ

(୧)

ମୋ ଗାଁ ଜହ୍ନ
ଉଏଁ ଯଦି ଅନ୍ୟ କେଉଁ ଆକାଶରେ
ଆଉ ମତେ ଚାହେଁ
ମତୁଆଲୀ ଲାଜୁଆ ଆଖିରେ
ଯାଏ କେତେ ଆସେ କେତେ
ମୋର ବା ସେଥିରେ !
ଚାହିଁବାକୁ ବଳେ ନାହିଁ ମନ
ଭାରି ଫିକା ଦିଶେ
ପରଦେଶ ଜହ୍ନ ।

ତମ ରାଣ ଚନ୍ଦ୍ରମା ରାଣୀ ଗୋ
କହୁଛି ମୁଁ ସତ ତମ ଦେହ ଛୁଇଁ
ଅନ୍ୟ ଆକାଶରେ ଉଇଁଥିବା ଜହ୍ନ
ଲିଭାଇ ଦିଏ ମନୁ ମୋର,
ସବୁ ଅନୁଭବ
ସମସ୍ତ ସରାଗ ।

ଜହ୍ନ ମୋତେ ଗେହ୍ଲା କରେ
ନିରୋଳା ରାତିରେ

Digitized by srujanika@gmail.com

ଫୁସୁଲାଏ ବାରମ୍ବାର
ବହଲାଇ ଦେବ ବୋଲି ମୋର ମନ
ପରଦେଶ ଅଚିହ୍ନା ମାଟିରେ ।

ଜହ୍ନ କ'ଣ ଜାଣିନାହିଁ
ମୋ ଗାଁ ଆକାଶରେ
ମୋ ଗାଁ ଜହ୍ନ ପାଇଁ
କେତେ ନିବିଡ଼ ମୋ ଆକର୍ଷଣ !

(୨)

ଲଣ୍ଡନର ଆକାଶରେ
ଉଇଁଥିଲା ଦିନେ
ନିହାତି ଫିକା ଫିକା
ଶେତା ରଙ୍ଗ ଛଡ଼ା
ମଲା ପରି ଜହ୍ନ
ଆଖି ମୋର ଫେରାଇ ଆଣିଲି
ଭାବିଲି ମୁଁ,
ଥାଉ;
ବାହୁଡ଼ିଲେ ଘରେ
ମୋ ଟିକି ଗାଁର
ଗାଢ଼ ନୀଳ ଆକାଶରେ
ନଡ଼ିଆ ଗଛର ବାଉଙ୍ଗା ଫାଙ୍କରେ
ଅବା ବାଉଁଶବଣର ଛାପିଛାପିକା
ପତ୍ର ଉହାଡ଼ରେ
ଅଥବା ଚଲା ବାଦଲର
କଳାରଙ୍ଗ ଓଢ଼ଣା ତଳେ
ନିଶ୍ଚୟ ଦେଖିବି
ଲୁଚକାଳି ଖେଳୁଥିବା

Digitized by srujanika@gmail.com

ତୋଫା ଗୋରା ଜହ୍ନ
ମୋ ଗାଁ ଜହ୍ନ ।

(୩)

ଭାବିଥିଲି ମୋ ଗାଁ ଭୂଇଁ
ସବୁଠୁଁ ସୁନ୍ଦର
ଗଢ଼ିବି ମୁଁ ସେଠି
ମନଲାଖି ସ୍ୱପ୍ନପୁରୀ
ଏକାନ୍ତ ନିଜର
ଯେଉଁଠି ମୁଁ ଶୁଣୁ ଶୁଣୁ ଗୀତ କାକଳୀର
ଫେରିଯିବି ହଜିଲା ଦିନକୁ ।

ଭାଙ୍ଗିଯାଏ ସ୍ୱପ୍ନ
ହଠାତ୍ ମୁଁ ଆବିଷ୍କାର କରେ
ଜୀବନର କ୍ଲାନ୍ତ ଅପରାହ୍ନେ
ଅଭିମନ୍ୟୁ ପରି ଅବତୀର୍ଣ୍ଣ
ଚକ୍ରବ୍ୟୂହ ଗର୍ଭେ;
ଆଉ, ମୋର ଚାରିପାଶେ
ଛଳନାର ସପ୍ତରଥୀ ।
ନାହିଁ ଖଡ୍ଗ, ନାହିଁ ତୀର
ହାତ ମୋର ଶୂନ୍ୟ
ମୁକାବିଲା କରିବାକୁ
ମଧୁରତା ଆବରଣ ତଳେ
ଲୁପ୍ତ ପ୍ରତାରଣା
ତିକ୍ତ ଅନୁଭୂତି ।
ଆସନ୍ନ ମୋ ଅବସର ଦିନ
ତଥାପି

Digitized by srujanika@gmail.com

ମୋ ଇଚ୍ଛାଟିକୁ ଦେଇଥିବା ପ୍ରତିଶ୍ରୁତିମାନ
ଏ ପର୍ଯ୍ୟନ୍ତ କରିନାହିଁ ପୂର୍ଣ୍ଣ ।

(୪)

ମନର ଝରକା ଫାଙ୍କେ
ବାରମ୍ବାର ଅତୀତ ମୋ
ଉଙ୍କିମାରେ,
ଲିଭି ଲିଭି ଆସୁଥିବା ସ୍ମୃତି ସବୁ
ହଜିଲା ଦିନର
ବିସ୍ମୃତି - କବରର ତଳୁ
ମୁକ୍ତି ଲଭି ହୁଅନ୍ତି ଜୀବନ୍ତ ।

ଅତୀତ ମନ୍ଥନ କଲେ
ମିଳେ କିଛି
ମନଛୁଆଁ ଅଭିଜ୍ଞତା
ସତେ ଅବା ପାରିଜାତ ଫୁଲ !
ଆଉ କିଛି ବେଦନା ଯନ୍ତ୍ରଣା !
ହୋଇଯାଏ ଉନ୍ମୋଚିତ
ମନ ପରଦାରେ;
ମୋ ଶୈଶବ, କୈଶୋର, ଯୌବନ
ଭାସି ଭାସି ଚାଲିଯାଏ
ବ୍ୟଥାର ବଉଦ ପରି ।

ସ୍ମୃତି-ମୁକ୍ତା ମୁକ୍ତ ହୁଏ
ସମୟରେ ରଦ୍ଧ କେଉଁ ଶାମୁକା ବନ୍ଧନୁ
ଅତୀତ ମୋ ଘୁଞ୍ଚି ଘୁଞ୍ଚି ଆସେ;
ବର୍ତ୍ତମାନ ହଜିଯାଏ
ଅତୀତ ଗର୍ଭରେ ।

Digitized by srujanika@gmail.com

(୫)

ସୁନା ଚାନ୍ଦ ଉଇଁଲାଣି
ନାଲି ଟହଟହ;
ପିଲା ଜହ୍ନ
କିଛି ଜାଣିନାହିଁ
ନିରୀହ ଦିଶୁଛି
ଚିବୁକ୍‌ରେ କଳାଜାଇ
କଅଁଳିଆ ପୁଚୁକି ଗାଲରେ
ହସ ଢେଉ ଲହଡ଼ି ଭାଙ୍ଗୁଛି ।

"ଚକା ଚକା ଭଉଁରୀ
ମାମୁଁଘର ଚଉଁରୀ"
"ପୁଛିଲୋ ଘୁଞ୍ଚିଯା
ପଡ଼ିଆ ବାଡ଼ିରେ ଲୁଚି ଯା"
"କୁଆଁର ପୁନେଇ ଜହ୍ନଲୋ
ଫୁଲ ବଉଳ ବେଣୀ"
ଗାଇ ଗାଇ ଲୋଟି ଯା'ନ୍ତି
ଚାନ୍ଦ, ବୀଣା, ପ୍ରମିଳା
ଟିକିଲି, କନକ, ଛଇ;
ତୋଫା ଜହ୍ନ ଆଲୁଅରେ
ଚଉଁରା ଚାରିପଟେ
ଘୁରି ଘୁରି, ନାଚି ନାଚି
ବିହ୍ୱଳିତ ହୋଇ ।

ଆଉ ମୁଁ,
ଆମ ଖଞ୍ଜାଘର ଅଗଣାରେ
ହେଂସ ଘୋଡ଼ା ଉଷୁଆଁ

Digitized by srujanika@gmail.com

ଧାନ ଗଦା ଉପରେ ଶୋଇଥାଏ
ଚୁପ୍‌ଚାପ୍, ଫାଙ୍କାମନ,
ଅପଲକ ଆଖି
ନୀରବରେ ଆକାଶକୁ ଚାହିଁଥାଏ
ଭସା ମେଘ ସଙ୍ଗେ
ଲୁଚକାଳି ଖେଳୁଥିବା
କୁନିମୁନି ଗୋରୀ ଜହ୍ନ
ଚିବୁକ୍‌ରେ ତା'ର
ଗାଢ଼ କଳାଜାଇ ।

ବହୁଦିନ ପରେ
ମାଉଣ୍ଡର ଖୋଲା ଛାତି ପରେ
ଶୋଇ ରହି ନୀରବରେ
ରେଡିଓରୁ ଡ୍ରାମା
ଉପଭୋଗ କରୁଥିବାବେଳେ
ଏହି ମତୁଆଲୀ ଜହ୍ନ
ପୁଣି ଥରେ ଅବାରିତ ଜୋଛନାର
ବାରିଧାରା ଢାଳି ଦେଇଥିଲା;
ଦେହ ମନ ସିକ୍ତ କରିଥିଲା ।
ଚନ୍ଦ୍ରମାର ଏଇ
ନିଷ୍କପଟ ଛନ୍ଦମୟ ଛାନ୍ଦ !
ଏବେ ମଧ୍ୟ ମନ ମୋର
କରେ ଉଦ୍‌ବେଳିତ ।

ଏଇ ମୋର
କୁନି ମୁନି ଜହ୍ନ ଆଗେ
ଫିକା ଫିକା ଦିଶିଥିଲା
ଜହ୍ନ ଲଣ୍ଡନର ।

Digitized by srujanika@gmail.com

(୬)

ଉଚ୍ଛୁଳା ଯୌବନେ
ଉଚ୍ଛୃଙ୍ଖଳ ଏହି ରୂପେଲୀ ଜହ୍ନ
ହସ୍ତା ଦୁଇ ତଳେ
ଅଚିରା ଗାଁ ଆକାଶରେ ଉଇଁଥିଲା
ଲାଜେଇ ଲାଜେଇ
ମାଛ କାତି ପରି ପାତି ଜହ୍ନ
ଅମାୟିକ ଉଦ୍ ଚାନ୍ଦ ହୋଇ ।

ତନୁପାତଳୀ କଢ଼ନାନୀ ଝିଅର
ନାକ ପରି ଧାରୁଆ,
ଆଉ, ତା'ର ସରୁ ନାଲି ଓଠ ମେଲାରେ
ଦିଶୁଥିବା କୁନି କୁନି ଦାନ୍ତମାନଙ୍କର
ଚିକ୍‌ଚିକ୍ ମୁକ୍ତାହାରଟିଏ ଭଳି ।

(୭)

ଏଇ ମୋର ଗାଁ ଆକାଶରେ
ଫିକ୍‌ଫିକ୍ ହସୁଥିବା ଜହ୍ନ
ଝରଝର ଝରୁଥିବା
ଜୋଛନାର ଧାରା,
ଝିକିମିକି ଜଳୁଥିବା ତାରା,
ଜୁଳୁଜୁଳା ପୋକ
ଗଛ ଆଉ ଲତା
ରିମ୍‌ଝିମ୍ ବର୍ଷା
ନଈ ଉଚ୍ଛୁଳା ବନ୍ୟା
ବରଷା ପାଣିରେ ଭାସି ଭାସି ଯାଉଥିବା
କାଗଜର ଡଙ୍ଗା,

Digitized by srujanika@gmail.com

ଲାଲ ଟୁହ୍ଲଟୁହୁ
ସାଧବ ବୋହୂ,
ସୁଲୁସୁଲିଆ ବାଆ,
ସବୁଜ ଧାନର ଫସଲ,
ରଙ୍ଗ ବେରଙ୍ଗ ପ୍ରଜାପତି
ଲାଜକୁଳି ଲତା
ଦହଦହିଆ ଛେନା
କାଠହଣା ଚଢ଼େଇ
ହଳଦୀ ଗୁରୁଗୁରୁ
ସୋରିଷ ଫୁଲର ବାସ୍ନା
ଆମ୍ବ ବଉଳ ପେନ୍ଥାକୁ
ଘେରି ମହୁମାଛିଙ୍କର
ଗୁଣୁଗୁଣୁ ସ୍ୱନ,
ଦୁଃଖସୁଖରେ ସାହା ଭରସା
ଭାଗବତ ଗୋସାଇଁ
ଆମ ଇଷ୍ଟ ଦେବତା,
ଘଣ୍ଟ ପାଟୁଆ
ଚକୁଳିଆ ପଣ୍ଡା
ସାପୁଆ କେଳା
ବୁଢ଼ା ଶଙ୍ଖାରୀ
ମାଙ୍କଡ଼ ନାଚ
କେନ୍ଦରା ଯୋଗୀ
ଶରବା ଚଉକିଆ
ଅନ୍ଧାର ଘୁଡୁଘୁଡ଼ି
ଝିଙ୍କାରୀର ଝିଁ ଝିଁ ସ୍ୱନ
ବଣ ବାବାଜୀ ମଠ
ଇମୁଠିଅ ସନ୍ଥନ ମନ୍ଦିର,

Digitized by srujanika@gmail.com

ଜୀବନରେ ଭରିଦେଲେ
ଅସରନ୍ତି ଆନନ୍ଦ ଜୁଆର
ସରସ ମଧୁର ।

ନଈଧାର ତୋଟା ଛାଇ ତଳେ
ଆମ ମଶାଣି ଭୂଇଁ
ପୂରୁବ ପୁରୁଷଙ୍କ ଭିଡ଼ ସେଠି
ଦିକିଦିକି ଜଳେ ଜୁଇ
ମଶାଣିରେ ଜହ୍ନ
ପତ୍ର ଫାଙ୍କେ ପଡ଼ିଛି ବିଛାଡ଼ି ।
ଶାଗୁଣା ହଲାଏ ଡେଣା
ଜୋର ମୁଣ୍ଡ ତେନ୍ତୁଳି ଗଛରେ ।
ଗୁଣିଆ କରିଛି ବନ୍ଦୀ
ପରାକ୍ରମୀ ପିଶାଚୁଣି
ଛଞ୍ଚୁଣା ଗଛର ଗହଳ ଡାଳରେ ।
ଝଙ୍କାଳିଆ ବରଗଛ
ଓହଳ ମେଲାଇ ବସିଛି
ସେଠି ଭୂତ ଖାସ୍ ଜଗିକି ଚାହିଁଛି ।
ରହି ରହି ପେଚା ରାବ
ଗାଁ କଣ କରଞ୍ଜ ଗଛରେ
ଦେହ ଖାଲି ଶୀତେଇ ଉଠୁଛି ।
ନିସ୍ତବ୍ଧ ରାତିରେ ମା' ଜାଗୁଳେଇ
ମନ୍ଦିରୁ ବାହାରି, ଆଲୁଅ ଜାଳି
ଏଇ ବାଟ ଦେଇ ନିଶ୍ଚୟ ଯିବେ,
ସେ ଗାଁ ଉପରେ ବିପଦ ଆପଦ
ପଡ଼ିବ ଯେବେ,
ମୋ ବୋଉ କହେ,
ସେଇ ଆମର ସହାୟ ହେବେ ।

Digitized by srujanika@gmail.com

କୋଳାହଳମୟ ଗାଁଟି ମୋର
ଶୋଇଲା ପରେ,
ନିଝୁମ ରାତିରେ
ଅଶରୀରି ଆତ୍ମା
ରାଜୁତି କରେ
ଭାରି ଡର ଲାଗେ
ଶୋଇକି ମଧ ବୋଉ କୋଳରେ ।
ବୋଉ ଗପ କହେ
ଭୂତର ଗପ
ଟଭିର କଥା
ମାଲିଆଣୀ ବୁଢ଼ୀର କଥା
ଡାହାଣୀ କାଳେ ଆଲୁଅ ଜାଳେ;
ଯେତିକି ଡର,
ଶୁଣିବାକୁ ଇଚ୍ଛା ସେତିକି ।
ଏହି ଛୋଟ ଗାଁଟି ମୋର
ଶସ୍ୟଶ୍ୟାମଳା ଲାସ୍ୟମୟୀ
ବାର ପୁନେଇରେ ତେର ପରବ
ପାଳୁଛି ସଭିଙ୍କୁ ଏକାଠି କରି ।
ଏହି ମୋର କୁନି ଗାଁଟି;
ତା'ର କଥା ଯେତିକି ଜଣା
ତା'ଠାରୁ ବେଶୀ ଅଜଣା
ସବୁଠୁ ବେଶୀ ରହସ୍ୟମୟୀ
ଏହି ମୋର କୁନି ଗାଁଟି
ଆକାଶେ ଜହ୍ନ ସବୁ ଦେଖୁଛି ।

(୮)

ସ୍ୱାର୍ଥପର ନୁହେଁ ମୁହିଁ
ଝୁରେ ନାହିଁ ଜହ୍ନ

Digitized by srujanika@gmail.com

ଖାଲି ଗହ୍ଳା ପୁନେଇ ରାତିରେ
ମୋର ଏ ପ୍ରିୟତମା
ହେଉ ପଛେ ଏହା
ଅମାବାସ୍ୟା
ଅବା ପୁନେଇ ରାତିର ।
ସହସ୍ର ଦୀପାଳୀ ସାରାରାତି ଜଳି
ସାତ ଜନମରେ ସରି ହେବେ କି ?
ମୋ ଚନ୍ଦ୍ରମା ରାଣୀର ଦୀପଶିଖା ଆଗେ
ସେମାନେ ମଉଳି ଯିବେ ନାହିଁ କି ?
ସେଥିପାଇଁ କିଗୋ ଉଆଁସ ରାତିରେ
ଉଇଁବାକୁ ତମ ମନ ହୁଏନି
ମୋ ମନ ଗହୀରୁ ଘନ ଅନ୍ଧକାର
ତମେ ନ ଉଇଁଲା ଯାଏ ଦୂର ହୁଏନି ।

ମୋ ମନ ଆକାଶେ
ଜହ୍ନ ନିତି ଉଏଁ
ସବୁ ରାତି ମୋର ଜହ୍ନ ରାତି
କଳାମେଘ କ'ଣ ଚୋରାଇ ପାରିବ
ଯତନରେ ହୃଦେ ରଖେ ସାଇତି
ମାଟିର ଦୀପାଳୀ ସାରାରାତି ଜଳି
ଥକା ହୋଇ ସବୁ ଶୋଇଗଲେଣି
ଗହନ ମନେ ମୋ ଦୀପଟି ଜଳୁଛି
ରାତି ପାହି ଅଧା ଦିନ ହେଲାଣି
ମୋ ମନ ଆକାଶେ
ମୋ ଚାନ୍ଦ ଉଇଁଲେ
ଅମୃତର ଧାର ପଡ଼େ ଝରି
ସବୁ ଜାଣିଶୁଣି କୁଆଡ଼େ ଲୁଚିବ
ଦହିବ ମନକୁ ଚିରି ଚିରି ।

Digitized by srujanika@gmail.com

ଭଲ ପାଉଥିଲି ବୋଲି
ତା'ର କଳାଙ୍କାଇ
ମୋତେ ଦାଉ କିଏ ସାଧି ଦେଲା କି ?
ଭଲ ପାଉଥିବା ଏ ଚନ୍ଦ୍ରମା ରାଣୀକୁ
କିଏ ସେ ଚୋରାଇ ନେଇଯିବ କି ?

(୯)

ମୋ ମନ,
ମୋ ଜହ୍ନ
ମୋ ଗାଁ
ଏ ତିନୋଟି ସ୍ରୋତରେ ଗଢ଼ା
ତ୍ରିବେଣୀ ସଙ୍ଗମ
ସମନ୍ୱୟ ତିନୋଟି ରାଗର
ଝଙ୍କାର ତିନୋଟି ଛନ୍ଦର
ଏକ ସୂକ୍ଷ୍ମ ଅନୁଭବ
ଏକାନ୍ତ ନିଜର ।

ଏହି ଅନୁଭବ
ହେଲା କୀଟଦ୍ରଷ୍ଟ
ରାଗ ହେଲା ଛନ୍ଦହରା
ବେସୁରା ଏ ସ୍ୱର
ଶୁଖିଗଲା ତ୍ରିବେଣୀର ଧାରା;
ଅଧୁରା ରହିଲା ସ୍ୱପ୍ନ
ବୃନ୍ତଚ୍ୟୁତ ମନ ମୋର
ଘୁଣ ଖାଇଗଲା
ମୋ ପ୍ରିୟା ଜହ୍ନକୁ
ରାହୁ ଗ୍ରାସ କଲା ।

Digitized by srujanika@gmail.com

(୧୦)

ବାରଣ କଲେ ବି
ଅମାନିଆ ଜହ୍ନ
ବେଳ ଉଣ୍ଡି ମୋତେ ଚାହିଁ ଦେବ
ସ୍ୱପ୍ନିଳ ଆଖିରେ
ଇମାଟ ସରାଗ
ବାରିଧାରା ଛିଞ୍ଚି ଦେଇ ଯିବ ।
ଝୁମୁରି ଝୁମୁରି
ଅଳସ ଚାଲିରେ
ଘୁଙ୍ଗୁର ପାହୁଲେ ପିନ୍ଧିଥିବ
ନୀରବ ରାତିରେ
ଶୋଇଗଲେ ସବୁ
ହଲାଇ ଚୁମୁଟି ଉଠାଇବ ।
କହେ, ଅଭିମାନ ତମ ଭାଙ୍ଗିଦିଅ
ଅମୃତର ଧାରା ଜ୍ୟୋସ୍ନା ଝାରୁଛି
ଆକଣ୍ଠ ପାନ କରିନିଅ ।

ନଡ଼ିଆ ଗଛର ବାଉଙ୍ଗା ଫାଙ୍କରେ
ଭଲ ଦିଶ ବୋଲି
ପ୍ରିୟତମା କହେ ବାରମ୍ବାର
ଚାନ୍ଦିନୀ ରାତିରେ ବିହାର ପାଇଁକି
ମନ ବଳାଇଛି ବହୁଥର ।

ଲଣ୍ଡନ ସହରେ
ମନ ଗହୀରରେ
ତମେ ଥରେ ଉଙ୍କି ମାରିଥିଲ
ଫେରିଲେ ଚାହିଁବି

Digitized by srujanika@gmail.com

କଥା ଦେଇଥିଲି
ସତେ କ'ଣ ତୁମେ ଭୁଲିଗଲ ?

(୧୧)

ଚନ୍ଦ୍ରମା ଗୋ
ଜୀବନର କ୍ଳାନ୍ତ ଅପରାହ୍ଣେ
ଅନୁଭବ କରେ
ମିଥ୍ୟା ହେଲା ମୋର ପ୍ରତିଶ୍ରୁତି
ତିକ୍ତ ଦଗ୍ଧ ମୋ ଅନୁଭୂତି ।

ଏଇ ଆମ ସୁପ୍ରସିଦ୍ଧ ପୁଷ୍କରିଣୀ !
ମନମାରି ପେଟେଇ ଶୋଇଛି
ଗ୍ରାସିଲେଣି ବାରଜାତି ଦଳ,
ଜଳ ହେଲାଣି ଦୂଷିତ
ଆଉ ନ ଖେଳେ ଜାଆଁଳ
ଆମ ଗାଁ ତୋଟା ଗଛମାନେ
ନାକେଇ ଚେରେଇ
ଧାନେଇ ଭେଲେଇ
ବାତ୍ୟାରେ ଢଳି ପଡ଼ିଲେଣି
କେବଳ ଚକେଇ ଚାହିଁଛି
ପୋକେଇ ଗଛକୁ
କାନ୍ଦୁଛି ସେ କଇଁ କଇଁ
କାହିଁ ଗଲା ତା'ର
ସବୁଜ ଭୂଇଁ ।

ପରିବାରେ ଲଘୁଚାପ
ହୋଇଲାଣି ସୃଷ୍ଟି
ଐଶାନ୍ୟ କୋଣରୁ

Digitized by srujanika@gmail.com

କଳା ବାଦଲଟା
ଉଙ୍କି ମାରିଲାଣି
ଗୁମ୍‌ସୁମ୍ ହୋଇ ଝଡ଼ ଏକ
ଘୋଟି ସାରିଲାଣି
ରହି ରହି କରୁଛି ଚିତ୍କାର
ଆସନ୍ନ ଘନଘଟା ପାଇଁ
ପଡ଼ିଲାଣି ହୁରି ।

ମିଳିମିଶି ଚଳୁଥିବା ମନ ସବୁ
ଘୁଣ ଖାଇଲେଣି
ହୋଇଲାଣି ସୃଷ୍ଟି ଘରେ ଘରେ
ସଂଘର୍ଷର ମୃଦୁ ଗୁଞ୍ଜରଣ
ମନ ଗହୀରରେ
କୁହୁଳୁଥିବା ନିଆଁ
ଗ୍ରାସ କରିଲାଣି
ମୋ ଟିକି ଗାଁର ନିର୍ମଳ ଗଗନ
ଧୂଆଁର ଜାଲରେ ।
ଏ ଧୂଆଁର ଘନ ଆବରଣ
କରି ଭେଦ ସତେ କ'ଣ ଆଉ କେବେ
ଦେଖିହେବ ନୀଳ ଆକାଶରେ
ଲୁଚି ଲୁଚି ଖେଳୁଥିବା
କଅଁଳିଆ ତୋଫା ଗୋରା ଜହ୍ନ
ମୋ ଗାଁ ଜହ୍ନ ।

(୧୨)

ସବୁ ସ୍ୱପ୍ନ ଭାଙ୍ଗିଯାଏ
ଚକ୍ରବ୍ୟୂହ ଗହ୍ୱରରୁ ହୁଏନାହିଁ ମୁକ୍ତି
ସତେ କ'ଣ ଭୁଲିହେବ

Digitized by srujanika@gmail.com

ସ୍ୱପ୍ନପୁରୀଠାରୁ ଭଲ
ମୋର ଟିକି ଗାଁ
ଯାହାର ମାଟି ଓ ପବନ, ଲତା ଆଉ ବନ
ଜୀବନକୁ କରିଥିଲା
ସ୍ୱପ୍ନିଳ, ସର୍ବାଙ୍ଗ ସୁନ୍ଦର ।

ଏଥିପାଇଁ କ'ଣ
ନ ଦେଖି ମୁଁ ଫେରିଥିଲି
ଜହ୍ନ ଲଣ୍ଡନର !

(୧୩)

ପ୍ରଶ୍ନବାଣେ ମୁଁ ହୁଏ ଜର୍ଜରିତ !
କାହିଁପାଇଁ ନ ଦେଖିଲ
ଜହ୍ନ ଲଣ୍ଡନର ?
ଏହା କ'ଣ ନୁହେଁ ନିର୍ବୋଧତା ?
ଉପଭୋଗ କରିଥାନ୍ତ ଜହ୍ନ ବିଦେଶରେ
ଗାଁର ଜହ୍ନ ତ ଗାଁରେ
ଅଛି ସୁରକ୍ଷିତ ।

ଏ ପ୍ରଶ୍ନର ସମାଧାନ
ହେବନାହିଁ ତର୍କ ବିତର୍କରେ
ଏହା ଏକ ସୂକ୍ଷ୍ମ ଅନୁଭବ
ଏକାନ୍ତ ନିଜର
କେଉଁ ଏକ ସମ୍ବେଦନଶୀଳ ମନ
ହୁଏତ ବୁଝିଲେ ବୁଝିବ ।

Digitized by srujanika@gmail.com

ପୁଷ୍ପାଞ୍ଜଳି

ବିଦ୍ୟା ହିଁ ସରସ୍ୱତୀ
ଅଧ୍ୟୟନ ତା'ର ଉପାସନା
ପୁଷ୍ପାଞ୍ଜଳି ଏକ ଶ୍ରଦ୍ଧାଞ୍ଜଳି
ପ୍ରତୀକ ଆମ ତପସ୍ୟାର ।

ବିନା ଅଧ୍ୟୟନେ
ଶତ ଶତ ପୁଷ୍ପାଞ୍ଜଳି
ଭୋଗ ଆଉ ନଇବେଦ୍ୟ
ତୁଚ୍ଛ, ମୂଲ୍ୟହୀନ ।

Digitized by srujanika@gmail.com

କଅଁଳ କହି ରାଧା

ରାଧା ନିଶ୍ଚୟ କଅଁଳ କହିବ
ପାଣି ଆଣି ଯମୁନାକୁ ଯିବ
ଧୀରେ, ଅତି ଧୀରେ ।
ଆନତ ବଦନା ହେବ,
ହେବ ବି ମଉନାବତୀ
ଆଖି ହେବ ତା'ର ଅର୍ଦ୍ଧନିମୀଳିତ ।

କାଳେ କିଏ କହିଦେବ
କାହ୍ନା ସଙ୍ଗେ ତା'ର ଚୋରା ପୀରତିର କଥା
ଗୋପପୁରେ କାଳେ ବାଜିଯିବ
ଅପବାଦର ନାଗରା ।
ସେଥିପାଇଁ କି ଗୋ
ସଭିଙ୍କର ମନ ଜିଣି ନେବା ପାଇଁ
ସେ ପାଲଟିଛି
କଅଁଳ କହି ରାଧା !

Digitized by srujanika@gmail.com

କବିତ୍ୱର ଅପମୃତ୍ୟୁ

ଉଦାସିଆ ଜହ୍ନ
କାହିଁ ପାଇଁ ଭରିଦିଏ
ଆଖିରେ ଲୋତକ,
ନାଚି ଉଠେ ମନ ତରଙ୍ଗ ସହିତ
ସାଗର ବେଳାରେ;
କୋଇଲିର କୁହୁତାନ
କାହିଁ ପାଇଁ କରେ ଆନମନା
ନଷ୍ଟ ନୀଡ଼ କରେ ମନ ସନ୍ତୁଳିତ ।

ଏ ଅନୁଭବ ସୂକ୍ଷ୍ମ ଓ ବଳିଷ୍ଠ,
ମୁକ୍ତି ପାଇଁ ଯନ୍ତ୍ରଣାରେ ସଦା ବିଚଳିତ;
ବେଳେବେଳେ ମନ ଖୋଜେ ମନଛୁଆଁ ଭାଷା
ରୂପାନ୍ତର କରିବାକୁ ଭାବନା ରାଜିକୁ ।

କିନ୍ତୁ ହାୟ !
ଅନୁଭବମାନଙ୍କୁ ଶିକାର କରିବା ମୁହୂର୍ତ୍ତରେ
ଶବ୍ଦମାନେ ହୁଅନ୍ତି ବିସ୍ମୃତ
ହତଜ୍ଞାନ ହୁଏ କର୍ଣ୍ଣ ପରି,
ଅନୁଭବମାନେ ହୁଅନ୍ତି ବିଲୁପ୍ତ
ଜଳହୀନ ତଟିନୀରେ ମତ୍ସ୍ୟର ଚିତ୍କାର
ଘୋଷଣା କରନ୍ତି କବିତ୍ୱର ଅପମୃତ୍ୟୁ ।

❖

Digitized by srujanika@gmail.com

କାଳିଦାସଙ୍କ ଫରମୂଲା

ମୁଁ ଯଦି ପାରନ୍ତି ଜାଣି
କବି କାଳିଦାସଙ୍କ ଫରମୂଲା
ତେବେ ଯେତେ ଗୋପନରେ
ରହିଥିଲେ ଲୁଚି କଳାଜାଇମାନେ
ଘନ ଅଙ୍ଗ ବସ୍ତ୍ର ଭେଦି,
ଗୋପନରେ କରନ୍ତି ଆବିଷ୍କାର; ଆଉ
କରନ୍ତି ପ୍ରସ୍ତୁତ ସେମାନଙ୍କର
ଏକ ଡିକ୍‌ସନାରୀ ।

Digitized by srujanika@gmail.com

ବିଜୟା ଦଶମୀ

ହେ ମା' ଦୁର୍ଗା !
ଆମ ମନ ଗହୀରରେ
ଲୁଚିଛପି ରହିଥିବା
ଶୁମ୍ଭ ନିଶୁମ୍ଭ
ରକ୍ତବୀର୍ଯ୍ୟ
ଓ ମହିଷୀମାନଙ୍କୁ
ନ କରି ନିପାତ
ପାଳୁଅଛ କାହିଁ ପାଇଁ
ବିଜୟା ଦଶମୀ !

Digitized by srujanika@gmail.com

ସ୍ୱାଗତ ହେ ନବବର୍ଷ

ସ୍ୱାଗତ ହେ ନବାଗତ
ଅର୍ଦ୍ଧ ପ୍ରସ୍ଫୁଟିତ କଳି
ଅପେକ୍ଷା କେବଳ
କେବେ ହେବ ତମେ ପୂର୍ଣ୍ଣ ପ୍ରକଟିତ
ସୁବାସିତ ଯଶେ
ଆଗାମୀ ଯୁଗର ବାର୍ତ୍ତା ନେଇ !
ଆଶିଷ ମୋ ତମରି ପାଇଁ ।

ମୋର ଏ କ୍ଷୁଦ୍ର
ଆଲ୍‌ଫା-ବିଟା ଜୀବନରେ
ତମ ପରି
ଏଇମିତି କାହିଁ କେତେ ନବାଗତଙ୍କୁ
କରିଛି ସ୍ୱାଗତ;
ଦେଇଛି ବିଦାୟ;
ଆଜି କିଏ ଦୂରେ, ଅତି ଦୂରେ
କିଏ ବା ପାଖରେ;
କେବେ କେବେ ଦେଖା ହୋଇଯାଏ
ରାସ୍ତା କଡ଼ ଗଛ ଛାଇ ତଳେ
ଅବା କନ୍‌ଫରେନ୍ସ ହଲରେ
ହସଲ ଲହରୀ ଝରି ପଡୁଥାଏ

Digitized by srujanika@gmail.com

ମୋର ବୋଲି,
ଦେଖି ଭାରି ଭଲ ଲାଗେ
ସଭିଏଁ ସେମାନେ ପ୍ରିୟ ଥିଲେ
ଏବେ ବି ଅଛନ୍ତି;
କିନ୍ତୁ ଆଉ ତମେ
ମୋର ପ୍ରିୟତମ ।
କାରଣ ତମେ ଯେତେବେଳେ
ବିଦାୟ ଘେନିବ,
ପ୍ରାୟ ଆଜିଠାରୁ ଦୁଇବର୍ଷ ପରେ
ମୁଁ ମଧ୍ୟ ଏହି ବିଭାଗରୁ
ବିଦା ହେଉଥିବି ।

❖

Digitized by srujanika@gmail.com

ଭଲ ପାଏ

ମୁଁ ଭଲ ପାଏ
କୋମଳ ରକ୍ତାଭ ଗୋଲାପ
ତା'ର ସୁବାସିତ ମତୁଆଲି ବାସ୍ନା
କିନ୍ତୁ ଫୁଲକୁ ବୃନ୍ତଚ୍ୟୁତ କରିପାରେ ନାହିଁ ।

ମୁଁ ଭଲ ପାଏ
ପ୍ରକୃତିର ବୈଭବ
ହୀରା-ନୀଳା ମୋତି-ମାଣିକ
ଅପହରଣ କରିପାରେ ନାହିଁ ।

ମୁଁ ଭଲ ପାଏ
ରୂପେଲୀ ଜହ୍ନ, ତା'ର କଳାଙ୍କାଇ ଓ
ଶୀତଳ ସ୍ନିଗ୍ଧ ଜ୍ୟୋସ୍ନା
କିନ୍ତୁ ଚାନ୍ଦ ପାଇବାକୁ
ହାତ ବଢ଼ାଏ ନାହିଁ ।

ମୁଁ ଭଲ ପାଏ
ଲାସ୍ୟମୟୀ କମନୀୟ ନାରୀ
ତା'ର ଦରଫୁଟା ହସ,
ଢଳଢଳ ଆଖି
କିନ୍ତୁ ଝାଉଁଳେଇବାକୁ
ମନ ଯାଏନାହିଁ ।

Digitized by srujanika@gmail.com

ଖୁସି

ଖୋଜୁନାହିଁ ବଡ଼ ଖୁସି;
ସେ ଯଦି ଆସିବାର ଅଛି
ନିଜେ ନିଜେ ଆସୁ,
ନ ଆସିଲେ ବି
କ୍ଷତି ନାହିଁ କିଛି !

ମୁଁ ଖୋଜୁଅଛି
ଲୁଆରିଆ ସାଗର ବେଳାରେ
ବାଲିକଣା ପରି ସାନ ସାନ
ଖୁସିମାନଙ୍କୁ ସାଉଣ୍ଟି ନେବାକୁ;
ମନର ସୂଆଖିଅରେ ଗୁନ୍ଥି
ଥରେ ହେଲେ ହସି ଦେବାପାଇଁ ।

କିନ୍ତୁ ଖୁସିମାନେ,
ଯେତେ ସାନ ହେଲେ ବି
ଅତ୍ୟନ୍ତ ବିରଳ ।

Digitized by srujanika@gmail.com

କବି

କବି ଏକ ପ୍ରତାରକ
ସେ କବିତା ଲେଖେ ନାହିଁ
ପ୍ରତାରଣା କରେ ଲେଖିବାର
ପ୍ରକୃତି ହିଁ ପ୍ରକୃତରେ କବି
କବିତାରେ ସେ ଲେଖି ସାରିଥାଏ ।

ପ୍ରକୃତି କବିତା ଲେଖେ
ସାଗରର ବେଳାଭୂମିରେ
ଜୁଆର ମଥା ପିଟୁଥିବାବେଳେ,
ଝରଣାର ଜଳ ଝରଝର ହୋଇ
ଗୀତ ଗାଉଥିବାବେଳେ;
ମଳୟର ମୃଦୁ ଲହରୀରେ ସ୍ନାନ କରି
ଲାଜକୁଳି କୋଇଲିଟି କେଉଁ ଏକ ନିଭୃତ କୁଞ୍ଜରୁ
ସଙ୍ଗୀତର ମୂର୍ଚ୍ଛନା ତୋଳୁଥିବାବେଳେ;
ସଦ୍ୟସ୍ନାତା ମଉନାବତୀ କେଶବତୀ କନ୍ୟା
ଲାଜେଇ ଲାଜେଇ ଥିରିଥିରି
ନଈକୂଳୁ ଫେରୁଥିବାବେଳେ;
ପ୍ରକୃତି କବିତା ସୃଷ୍ଟି କରିଥାଏ,
କବି କରିପାରେ ନାହିଁ
ଏହାର ନକଲ, ଠିକ୍ ଅବିକଳ ?

❖

Digitized by srujanika@gmail.com

ପ୍ରକୃତି ଓ ନାରୀ

ପ୍ରକୃତି ହିଁ କବିତା,
ମନ୍ତ୍ରମୁଗ୍ଧ କରେ;
ବିହ୍ୱଳିତ ହୁଏ ମନ,
ମନ ବଳେ ଲେଖିବାକୁ କବିତା
କିନ୍ତୁ ସବୁ ଲେଖା
ପ୍ରକୃତିର ଲେଖାଠାରୁ
ପଡ଼ିଯାଏ ଊଣା ।

ମନ ହୁଏ ବହୁବାର
ଲେଖିବାକୁ ଦୀର୍ଘକାବ୍ୟ ଏକ
ତା'ର କଥା କହୁଥିବା
ଆଖି ଦିଓଟି ସମ୍ପର୍କରେ
ମରମଭେଦୀ ଚାହାଣୀ ସମ୍ପର୍କରେ
ମନଛୁଆଁ ମଦିରା ଭରା
ତରଙ୍ଗାୟିତ ଅଙ୍ଗ ସମ୍ପର୍କରେ
କିନ୍ତୁ ଶତ ଶତ ଚେଷ୍ଟା
ହୁଏ ପ୍ରତିହତ ।

ପ୍ରକୃତି ହିଁ ନାରୀ
ନାରୀ ଏକ କବିତା

Digitized by srujanika@gmail.com

ଛନ୍ଦମୟୀ ଖରସ୍ରୋତା ତଟିନୀ
ସବୁଜିମା ଭରା
ନିଘଞ୍ଚ ବନାନୀ
ମଧୁମୟ ପ୍ରାଣସ୍ପର୍ଶୀ ସଙ୍ଗୀତ
ସ୍ନେହର ପ୍ରତୀକ
ଅମୃତର ପ୍ଲାବନୀ
ପ୍ରିୟା ଓ ଜନନୀ
ଭଗିନୀ ଅବା ଯୋଗିନୀ ।

Digitized by srujanika@gmail.com

ଏତେ ସ୍ୱପ୍ନକୁ ରାତି କାହିଁ

ବିତିଲା ଶୈଶବ
କଙ୍କି, ପ୍ରଜାପତି, ମାଙ୍କଡ଼ମାନଙ୍କ ସଙ୍ଗେ
ଲୁଚକାଳି ଖେଳି
ଦାଣ୍ଡ ପୋଖରୀରେ ପହଁରି
ଗଛ ଚଢ଼ି, ବନ୍‌ଶୀରେ ମାଛ ଧରି
ବାଡ଼ି ପୋଖରୀରେ ।

ରାତିରେ ସ୍ୱପ୍ନ ଦେଖେ
ବୁଢ଼ୀ ଅସୁରୁଣୀ, ଅନ୍ଧାର ଘୁଡୁଘୁଡ଼ି
ମାଡ଼ି ଆସୁଛନ୍ତି
ଖାଲି ମୋରି ପଛରେ
ଯେତେ ଦଉଡ଼ିଲେ ବି
ପାଦ ମୋର ଆଗକୁ ଯାଉନି
ଯେଉଁଠି ସେଇଠି ।

ନିଦ ଭାଙ୍ଗିଯାଏ
ଡରରେ ଦେହ ଥରିଉଠେ
ବୋଉ କୋଳରେ ଶୋଇଯାଏ
ଜାକିଜୁକି ହୋଇ
ସବୁ ସ୍ୱପ୍ନ ଭୁଲି ହୋଇଯାଏ ।
କୈଶୋର ବିତିଲା
ବିତିଲା ଯୌବନ

Digitized by srujanika@gmail.com

ଖାଲି ପାଠ ପଢ଼ି ପଢ଼ି;
ପରୀକ୍ଷା ପରେ ପରୀକ୍ଷା
ସ୍ୱପ୍ନ ଦେଖିବାକୁ
ତର ହେଲାନାହିଁ
ପାଠ ନ ସରୁଣୁ
ଆସିଲା ଦାୟିତ୍ୱ
ଚାକିରି, ବାହାଘର, ପରିବାର
ସଂସାର ଜଞ୍ଜାଳ ।
ଏକମୁହାଁ ଦଉଡ଼ିଲି
ଅଣନିଶ୍ୱାସୀ ହୋଇ
ଏକ ଫର୍ମୂଲା ମଧ୍ୟରେ
ସ୍ୱପ୍ନ ଦେଖିବାକୁ ଫୁରୁସତ୍ କାହିଁ ?

ତା'ପରେ ଅବସର ନେଲି
ସ୍ୱପ୍ନମାନେ କେଉଁଠି
କେଜାଣି ଲୁଚି ବସିଥିଲେ
ମେଞ୍ଚା ମେଞ୍ଚା ହେଲେ ହାଉଯାଉ,
ବସିଲେଣି ଘାରି ମନକୁ ମୋହର ।

ଆକାଶ ଛୁଆଁ କଳ୍ପନା
ରଙ୍ଗୀନ ଯୋଜନା
ଇଚ୍ଛା ହୁଏ
ଉଡ଼ି ଉଡ଼ି ପରୀ ଧରିବାକୁ
ସାତତାଳ ପଙ୍କ ଭିତରେ
ଫଗୁଆରେ ବନ୍ଦୀ
ରାଜକୁମାରକୁ ମୁକ୍ତ କରିବାକୁ
କିନ୍ତୁ ହାୟ !
ଏତେ ସ୍ୱପ୍ନକୁ ରାତି କାହିଁ ?

Digitized by srujanika@gmail.com

ଅଜ୍ଞାତବାସ ନାହିଁ ଆବଶ୍ୟକ

ବଗିଚାରେ ପ୍ରସ୍ଫୁଟିତ ନେନ୍ଥା ନେନ୍ଥା
ଅନେକ କୁସୁମ,
କେହି ସୁବାସିତ, କେହି ବା ରକ୍ତିମ
ମନ୍ଦାର, ଗୋଲାପ, ଜବା, ମଲ୍ଲୀ, କନିଅର
ମୃଦୁ ମଳୟରେ ଉନ୍ମାଦିନୀ ସଭିଏଁ ଏମାନେ
ଛନ୍ଦଭରା ନୃତ୍ୟରତା; ଅତି ମନୋହର ।
ଉଠ,
ଉଠ ଗୋ ସଜନୀ,
ଆଖି ଖୋଲି ଦେଖବାରେ
ପ୍ରକୃତିର ରାଣୀ
ଭରପୁର ସୁଷମାରେ
ଦିଶେ ମନଲୋଭା
ଭସା ବାଦଲର ସଙ୍ଗେ
ଲୁଚକାଳି ଖେଳୁଥିବା ଜହ୍ନ
ରିମ୍‌ଝିମ୍ ବର୍ଷା ଆଉ
ନଈ ଉଚ୍ଛୁଳା ବନ୍ୟା
ପ୍ରକୃତି ଏସବୁ ଖଞ୍ଜିଛି
ଏକା ଆମ ମନୋରଞ୍ଜନ ପାଇଁ ।

ଆସ ପ୍ରିୟା
ପାଶୋରି ଦିଅ ତମ

Digitized by srujanika@gmail.com

ସବୁ ମାନ ଅଭିମାନ,
ଲୁଚିଯାଉ ଅତୀତ ତମ
ସ୍ମୃତିର ଗ୍ରନ୍ଥୀରୁ,
ପରଦାର ଉହାଡ଼ରୁ ମୁକ୍ତ ହୋଇଆସ
ପରିହାର କରିଦେବା ଆଜିଠାରୁ
ଆଡୁଆଳେ ରହିବା ପ୍ରବୃତ୍ତି,
ଓହରି ଆସିବାନି ଆଉ
ଅନ୍ତରାଳ ପରିଧିକୁ ।
ଫୁଲରାଣୀ ସଙ୍ଗେ ଆମେ
ନାଚି ନାଚି ଯିବା
ରଖିବାନି କିଛି ବି ଗୋପନ
ଫିଙ୍ଗିଦେବା ଦୂରେ ସବୁ
କଟକଣାର ଘୋଡ଼ଣୀ (ଓଢ଼ଣା)
ଅଜ୍ଞାତବାସ ଆମ ପାଇଁ ଆଉ
ନାହିଁ ଆବଶ୍ୟକ ।

ସଞ୍ଜ ନଇଁ ଆସିଲାଣି
ବେଳାଭୂମି ପରେ
ସାଗର ହୋଇଛି ଆଜି ଭାରି ଜୁଆରିଆ
ରସିକିଆ ମନମାନେ କଲେଣି ଗହଳି
ମନଖୋଲା ହସ, ଚୁପ୍‌ଚାପ୍ କଥା
ବାଉମଜା ୱାଲା ବିକିଲେଣି ମଜା
ଆଗୋ ସଖୀ,
ଆମେ କାହିଁପାଇଁ
ଚିରଚଞ୍ଚଳ ଲହଡ଼ିର ପାଶେ
ନୀରବେ ବସିବା !
ଭାଙ୍ଗିବା ଲହଡ଼ି ଆସ
ଆମେ ଦୁହେଁ ହାତରେ ହାତଗଣ୍ଠି ଦେଇ,

Digitized by srujanika@gmail.com

ଯେମିତି ଏ ତରୁଣ ତରୁଣୀ
ସ୍ନାନରତ, ଛନ୍ଦିମନ୍ଦି ହୋଇ ।

ଆସ ଗୋ ସଙ୍ଗିନୀ,
ନାବକେଳି ପାଇଁ ପୁନେଇ ରାତିରେ,
ତୋଳିବା ସଙ୍ଗୀତ ମୂର୍ଚ୍ଛନା,
ଆମ ଦୁଇ ସ୍ୱର ମିଶି
ଭାସିଯାଉ ବନ୍ୟାର ସ୍ରୋତରେ
ନଈ ଆରପାରେ
ଶୋଇଲା ଲୋକଙ୍କର ଛାଇ ନିଦ,
ଭାଙ୍ଗିଯିବ ଯଦି ଯାଉ ।

କୁଆଁରୀ କନ୍ୟାମାନେ
ଗଭୀର ରାତ୍ରିରେ
ଫୁଲ ବଉଳବେଣୀର ଛନ୍ଦଭରା ରାଗ
ତୋଳୁଥିବାବେଳେ,
ଆସ ଗୋ ମିତଣୀ,
ଆମେ ମନେ ମନେ
ରାଗିଣୀ ତାଙ୍କର
ଗୁଣୁଗୁଣେଇ ହେବା
ବସିକି କତିରେ ।

ବୋଇତ ଭସାଣି ପାଇଁ
ଦୂର ଏକ ନଈକୂଳ ଯିବା
କାର୍ତ୍ତିକ ପୂନେଇର ଶୀତୁଆ ପାହାନ୍ତିରେ;
ହୋଲି ଦିନ ରଙ୍ଗ ବୋଳିହେବା,
ଆସ ପ୍ରିୟତମା,
ଜହ୍ନ ଆଲୁଅରେ ସ୍ନାନ କରି
ରାଧାକୃଷ୍ଣ ବିମାନମାନଙ୍କର

Digitized by srujanika@gmail.com

ରୋଷଣୀ ଦେଖିବା
ମେଲଣ ପଡ଼ିଆରେ
ବରୁହାଁ ଅବା ଓଳକଣାଠାରେ ।

ଆସ ପ୍ରିୟତମା,
ଆମେ ମୁକ୍ତ ବିହଙ୍ଗମ ସମ
ଆକାଶେ ଉଡ଼ିବା,
ଧରାବନ୍ଧା ରାସ୍ତା,
ମପାଚୁପା କଥା
ବାର କଟକଣାଠାରୁ
ମୁକ୍ତ ହୋଇଯିବା,
ଆମ ପାଇଁ ଆଜ
ଅଜ୍ଞାତ ବାସ
ନାହିଁ ଆବଶ୍ୟକ ।

Digitized by srujanika@gmail.com

ସମୟ ମୁରୁକି ହସୁଛି

ଏକ

ସମୟ ଜାଣିଛି
କେଉଁ ଫୁଲ କେବେ ଫୁଟି
କେବେ ମଉଳିବ;
କେଉଁ ଟୋକୀ
କାହାଠାରୁ କେତେବେଳେ
ପେଟରେ ହୋଇବ;
ଜୀବନ ରାଗିଣୀର ତାର
କେବେ ଛିଣ୍ଡିଯିବ
ସାଗର କେବେ ହେବ କୁଆରିଆ
ପ୍ରଳୟର ବିଭୀଷିକା
ଘୋଟିଯିବ କେବେ,
ସେଥିପାଇଁ କି ଗୋ ସଖୀ
ସମୟ ମୁରୁକି ହସୁଛି ? ? ?

ଦୁଇ

ସମୟ ହସିପାରେ ନାହିଁ
ଯେ ଜାଣେ ସେ ଜାଣେ
କେତେ ଅଜଣା ରହିଛି
ଯେ ଜାଣେ ସେ

Digitized by srujanika@gmail.com

ଅଜ୍ଞତା ଉପରେ
କାହୁଁ ବା ହସିବ ?
ସମୟ ଜାଣେ
ଅତୀତ, ବର୍ତ୍ତମାନ, ଭବିଷ୍ୟତର
ଟିକିନିଖି କଥା;
ସୃଷ୍ଟିର ସମସ୍ତ ରହସ୍ୟ ।
ସମୟ ବି ଜାଣେ କେଉଁ କଥା
ନିଜେ ବି ଜାଣେନା
ସେ କାହିଁପାଇଁ
କା'ର ଅଜ୍ଞତା ଉପରେ
ମୁରୁକି ହସିବ ?

Digitized by srujanika@gmail.com

ହସ

ଏକ

ସେ ହସିଲେ ମୁଁ ହସେ
ମୁଁ ହସିଲେ ସେ ହସେ
ଏ ହସ କାହିଁପାଇଁ
କେହି ଜାଣେନାହିଁ
ଯେ ଜାଣେ
ସେ ମନ ଜିଣିନିଏ ।

ପ୍ରକୃତି ହସେ
ଫୁଲଟିଏ ଫୁଟିଲେ;
ପ୍ରକୃତି ହସିଲେ
ପତ୍ର କଅଁଳେ
ମଳୟ ବହେ
କୋଇଲି କୁହୁ କୁହୁ ଗାଏ ।

ସବୁ ହୃଦୟ
ଏ ହସ
ବୁଝିପାରେ ନାହିଁ
ଯେ ବୁଝେ
ସେ କବି ହୋଇଯାଏ ।

Digitized by srujanika@gmail.com

ଦୁଇ

ହସ ଝରେ
ଆପେ ଆପେ
ହୃଦୟ ଗହନ କୋଣରୁ,
ଝରି ଝରି ଢେଉ ଭାଙ୍ଗେ
ଅଧରର ଉପକୂଳେ
ଉଚ୍ଛୁଳି ପଡୁଥିବା ହସ
ବିଛାଡ଼ି ହୋଇପଡ଼େ
ଦେଖି ମନ ଭରିଯାଏ ।

ଅନେକ ସମୟରେ
ହସ ମାତ୍ର ନ ଥିବା ହସ
ଆସେ ନାହିଁ ଆପେ ଆପେ;
ଧକ୍କା ଦେଇ ଆଣିବାକୁ ହୁଏ,
ମନରୁ ନୁହେଁ, ତନୁରୁ
ପାଚେରୀକୁ ଡେଇଁ
ବତିଶ ଦାନ୍ତ ଫରକଟା କରି
ହସମାନେ ନିକୁଟି ନିକୁଟି
ବାହାରି ଆସନ୍ତି
ପ୍ରତାରଣାର ନାଚ କରି,
ଖୋଲା ଦାନ୍ତମାନଙ୍କ ସନ୍ଧିରେ ।

❖

Digitized by srujanika@gmail.com

ସମୟ

ସମୟର ତିନି ଅବୟବ
ଏକ ଅବୟବ ତା'ର
ସ୍ଥିର ଓ ବଧିର
ଅଚଳ ଓ ନିଶ୍ଚଳ
ଅଥଚ ଘଟଣା ବହୁଳ
ଦିନ ଅଛି, ଅଛି ବି ତା'ର ଅନ୍ତ
ଏହାର ନାମ ଅତୀତ;
ଇତିହାସ ମଧ୍ୟ ରଖାଯାଇପାରେ ।

ଆଉ ଏକ ଅବୟବ ତା'ର
ଅତି ସୀମାତୀତ;
ଆଦି ଅଛି, ନାହିଁ ଅନ୍ତ
କେହି ଜାଣେନାହିଁ
କେବେ କେଉଁଠାରେ କ'ଣ ଘଟିବ ?
ରହସ୍ୟମୟୀ, ସ୍ୱପ୍ନମୟୀ
ସମ୍ଭାବନାମୟୀ ସେ ଭବିଷ୍ୟ ।

ସମୟର ମଝି ଘଡ଼ି
ଅତି ଚଞ୍ଚଳ, ମସୃଣ ଅତି,
ଧରୁ ଧରୁ ହାତୁ ଖସିଯାଏ
ଏକ ମୁହୂର୍ତ୍ତରେ ବନ୍ଧା

Digitized by srujanika@gmail.com

ସମୟ ନିଜେ ଚାହିଁଲେ ବି
ସେଠି ଦଣ୍ଡେ ରୋକିପାରେ ନାହିଁ ।
ଛଟପଟ ହୁଏ, ମଥା ପିଟେ
ଭବିଷ୍ୟତ ସାଗରର ଉପକୂଳେ
ଉପକୂଳ ଆସ୍ତେ ଆସ୍ତେ ଖାଇ ଖାଇ ଯାଏ,
ଅତଡ଼ା ପକାଇ
ନାଁ ତା'ର ବର୍ତ୍ତମାନ
ଯେ ଭବିଷ୍ୟକୁ ଖାଇ ଖାଇ
ଛୋଟ କରିଦିଏ ।

ସମୟ ଅସୀମ; କିନ୍ତୁ
ତମ ପାଇଁ ଅତୀବ ସୀମିତ,
ନିଦ ଭାଙ୍ଗିଗଲା ପରେ,
ଦୁନିଆକୁ ନଜର କରିବା ବେଳକୁ
ସମୟ କିଛି ହେଲାଣି ଅତୀତ
ଭାଳି ଭାଳି ନାହିଁ କିଛି ଲାଭ
ମିଛଟାରେ ବର୍ତ୍ତମାନଟା ଜଳାଞ୍ଜଳି ହେବ
କିଏ ଜାଣେ କାହାପାଇଁ କେତେ
ଭବିଷ୍ୟ ରହିଅଛି ବାକି
ସଭିଙ୍କର କିଛି ଆଶା, କିଛି ସ୍ୱପ୍ନ ଥାଇପାରେ;
ଏହି ମୁହୂର୍ତ୍ତକୁ କଲେ ହେପାଜତ
କିଛି ଆଶା ପୂର୍ଣ୍ଣ ହୋଇପାରେ
ସବୁଠାରୁ ଦୁର୍ମୂଲ୍ୟ ଏହି ମୁହୂର୍ତ୍ତଟି
ଯାହାକୁ କରି ଉପଯୋଗ, କରି ଉପଭୋଗ
ଜୀବନକୁ କରାଯାଇପାରେ
ଯଥେଷ୍ଟ ସାର୍ଥକ,
ସରସ ଓ ମଧୁର ।

Digitized by srujanika@gmail.com

ପ୍ରିୟତମା

ମୋର ପ୍ରିୟତମା କରୁଅଛି ମନା
କହେ ତମେ ଭାରି ଇଏ ହେଲଣି
ଯେତେ ଅଳି କଲେ କଥା ସେ ମାନୁନି
ତା' କୋଳରେ ମୋତେ ଶୋଇ ଦଉନି ।

ମୋର ପ୍ରିୟତମା ଶୁଖେଇଛି ମନ
ଛୁଇଁବାକୁ କରିଦେଲା ମନା
ଛୁଇଁଦେଲେ କାଳେ ତା' କଅଁଳ ମନରେ
ଜଳିଯିବ ପୀରତିର ନିଆଁ ।
ମୋ ଘରକୁ ଆସିଛି ବୋହୂଟିଏ ସାଜି
ଏହି ଘର ତା'ର ନିଜ ଘର
ମୋର ପରଶେ ଦେହ ଜଳୁ ପଛେ
ରହିଥାଉ ସେ ହୋଇ ମୋହର ।

Digitized by srujanika@gmail.com

ପ୍ରକୃତି

ତୋର ତନୁରେ ପ୍ରକୃତି ଲେଖିଛି
ଦୀର୍ଘ ଏକ କବିତା
ଗିରିଶୃଙ୍ଗ, ଉପତ୍ୟକା,
ଘନ ଅରଣ୍ୟ ଘେରା ତଟିନୀ,
ଯୌବନ ବନ୍ୟାରେ ଉଚ୍ଛୁଳା ଉପକୂଳ
ତୋରି ମନରେ ପ୍ରକୃତି ରଚିଛି
ମେଘ ମହ୍ଲାର ସଙ୍ଗୀତ
ପାଦରେ ଫୁଟିଛି ପଦ୍ମ
ଚାଲିରେ ଝରୁଛି ମହୁ ।
କଟୀରେ ତୋର ଲାବଣ୍ୟ ଭରିଛି
ଜାନୁରେ ଫୁଟିଛି କଇଁ
ବକ୍ଷରୁ ତୋର ଅମୃତ ଝରୁଛି
ଝରୁଛି ଗଭାରୁ ଫୁଲ
ନାଲି ଓଠରେ ତୋର ସରୁ ହସ ରେଖା
ଆଖିରେ ଆଖିରେ ଠାଣି
ସରମ ତୋତେ ସୁନ୍ଦର କରୁଛି
ମନକୁ ନେଉଛି କିଣି ।
ପ୍ରକୃତି କ'ଣ ପାରେନା ଜାଣି
କିଏ ତା'ର ଉପାସକ ଆଉ କିଏ ପ୍ରତାରକ ?

❖

Digitized by srujanika@gmail.com

ପାଗଳ ମଧୁପ

ତା'ର ସ୍ନେହ ପାଇଁ ପାଗଳ ହେଲେ ବି
ସ୍ନେହ ଡୋରିରେ ସେ ବାନ୍ଧି ଦଉନି
ଖାଲି ନାହିଁ ନାହିଁ ଆଡ଼େଇ ଦଉଛି
କହୁଛି ଭାରି ଇଏ ହେଲଣି ।
ମଧୁ ପିଇବାକୁ ଯେତେ ଅଳି କଲା
ଫୁଲ ତା' ପାଖୁଡ଼ା ବନ୍ଦ କରିଲା
କହିଲା ଭ୍ରମରେ ଛାଡ଼ ପାଗଳାମୀ
କାଲି ଆସ, ଆଜି ଖେଳ ସରିଲା ।
ତା' ଦେହର ବାସ୍ନା ପାଗଳ କରୁଛି
ତା' କୋଳେ କାହିଁକି କରୁନି ବନ୍ଦୀ ?
ପାଗଳ ମଧୁପ ମଧୁ ପିଇବାକୁ
ଫୁଲର ଓଠକୁ ଦେଲା ଚୁମି
ଆତ୍ମହରା ହୋଇ ଫୁଲର କୋଳରେ
ସାରାରାତି ଶୋଇ, ଯାଏ ଥମି ।

Digitized by srujanika@gmail.com

ତୃତୀୟ ପାହାଚ

ଶୈଶବ ତୁମର ପ୍ରଥମ ପାହାଚ
ଦଗୋଟି କଥା, ଗୁଲୁଗୁଲୁ ହସ
ଆଉ ଠୁକୁଠୁକୁ ଚାଲି
ଅନାବିଳ ମମତ୍ୱରେ ଭରା
କଳକଳ ଛଳଛଳ ପିଲାଦିନ ।

ଦ୍ୱିତୀୟ ପାହାଚ ତୁମ
ତାରୁଣ୍ୟରେ ଉଦ୍‌ବେଳିତ
ଚଗଲା ଚଞ୍ଚଳ ମନ ଅମାନିଆଁ ଢେଉ ପରି
ହସ କଉତୁକ ଆଉ ଟିକେ ଫାଜିଲାମି ।

ପରିଶେଷେ
ଅବତୀର୍ଣ୍ଣ ତୁମେ ଆଜି
ଜୀବନର ତୃତୀୟ ପାହାଚେ ।
ଜାଣେନା ମୁଁ
କେଉଁ ନଉକାର ତୁମେ ନାଉରୀ ସାଜିବ
ଛଳନାର ମୁଖାପିନ୍ଧା ଦୁନିଆଁରେ
ଜୀବନ ଯୁଦ୍ଧରେ ତୁମେ ଅବତୀର୍ଣ୍ଣ ହେବ ।

...କିନ୍ତୁ ମନେ ରଖ
ଗଣିତ ଏକ ତର୍କ

Digitized by srujanika@gmail.com

ତର୍କ ହିଁ ଜ୍ଞାନ
ଖଡ୍ଗଠାରୁ ତୀକ୍ଷ୍ଣ
ବଜ୍ରଠାରୁ ଆହୁରି କଠିନ ।

ଜୀବନର ଯୁଦ୍ଧ କ୍ଷେତ୍ରେ
ସୁରକ୍ଷା କବଚ ହେଉ
ଜ୍ଞାନ ଭର୍ତ୍ତି ଅକ୍ଷୟ ତୂଣିର
ଜ୍ଞାନର ଆଲୋକେ ଆଲୋକିତ ହେଉ
ସୁଦୂର ବିସ୍ତାରୀ ଜୀବନର ଚଲାପଥ ତୁମ୍ଭ ।

ଏ ବିଦାୟୀ ସନ୍ଧ୍ୟା ଏବେ
ଏତେ ଉଦାସ କାହିଁକି ?
ମୁଁ ଜାଣେ–
କାଲିଠାରୁ ହୁଏତ ଶୁଭିବନି
ତୁମର ହସ, ଗୀତ, ବାଦ-ପ୍ରତିବାଦର
ମୃଦୁ ଗୁଞ୍ଜରଣ ।
ହୁଏତ ଦିଶିବନି ନିତିପ୍ରତି
ତୁମର ସେ ହସ
ପୁଣି ପରୀକ୍ଷା ଆଗତ ବ୍ୟସ୍ତ ଭରା ମୁଖ ।
ଆଉ ଲିଭିବନି ଛାଡ଼ି ଯାଇଥିବା
ଅପାଶୋରା ସ୍ମୃତି ସବୁ
ତୁମେ ରଚିଥିବା କଥା ସବୁ ହଜିବନି ମଧ୍ୟ ।

ଇଚ୍ଛା ଓ ଅନିଚ୍ଛା ସତ୍ତ୍ୱେ
ଆପଣେଇ ନେଇଥିବା ବୃତ୍ତି
ଘଷାପିଟା ତେଲଲୁଣର ସଂସାର ।
ଜଞ୍ଜାଳର ଗୁରୁ ଭାରେ
ନଇଁ ଯାଉଥିବା ସଞ୍ଜ ଓ ସକାଳ ।

Digitized by srujanika@gmail.com

କିନ୍ତୁ ପୃଥିବୀର କୋଣ, ଅନୁକୋଣେ
ତମେ ଯେଉଁଠି ବି ଥାଅ
ଯାହା ବି କରୁଥାଅ
ଏକାନ୍ତ ଭାବେ
ତୁମେ ତ ମୋର
ଏଇ ତ ଗୁରୁ-ଶିଷ୍ୟର ସମ୍ପର୍କ ।
ଯାତ୍ରା ତବ ହେଉ ସୀମାହୀନ
କଣ୍ଟକ ବିହୀନ, ସ୍ୱଚ୍ଛ, ସାବଲୀଳ
ଏ ବିଦାୟ ଲଗନରେ
ଏତିକି କାମନା ।

(୧୯୮୮ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବିଦାୟୀ ସଭା ଉଦ୍ଦେଶ୍ୟରେ)

❖

Digitized by srujanika@gmail.com

ପ୍ରଫେସର ଗୋକୁଳାନନ୍ଦ ଦାସ

ମୁଁ ଜାଣିଥିବା ପୃଥିବୀର ଜଣେ ଶ୍ରେଷ୍ଠ ମଣିଷ ଗୁରୁଦେବ ପ୍ରଫେସର ଗୋକୁଳାନନ୍ଦ ଦାସ। ଗଣିତ, କଳା, ସାହିତ୍ୟ, ତର୍କ, ଦର୍ଶନ ଆଦି ବିଭାଗର ନିରଙ୍କୁଶ ବାଦ୍‌ସାହା। ଭଗବାନ ଗୋକୁଳାନନ୍ଦଙ୍କ ଭଳି ଗୁରୁ ଗୋକୁଳାନନ୍ଦ ମଧ୍ୟ ଦୁଇଟି ମାଆର ସ୍ନେହ ଓ ପ୍ରଯତ୍ନରେ ଲାଳିତ। ପିତା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ବଡ଼ଭାଇ ପ୍ରଫେସର ବିବେକାନନ୍ଦଙ୍କ ପରି ମହାନ ଗୁରୁ ପରିବାରରେ ସେ ଛନ୍ଦିତ। ଏକ ଶୁଦ୍ଧ ଶୁଚୀମନ୍ତ ପାରିବାରିକ ଏନ୍ତୁଡ଼ିଶାଳରୁ ତାଙ୍କ ଜୀବନର ଅୟମାରମ୍ଭ। ଆମ୍ବଗଛର ଶୀତଳ ଛାଇରେ ପଢ଼ିବା, ପୋଖରୀରେ ପହଁରିବା, ବନିଶୀରେ ମାଛ ଧରିବା, ପାଳଗଦା ଚାରିପଟେ ଲୁଚକାଳି ଖେଳିବା, ଶୀତଦିନେ ଚୁଲି ଝଙ୍କା ପାଖରେ ବସି ନିଆଁ ପୋଇବା ଏବଂ ବସନ୍ତରେ କୋଇଲିର ଗୀତ ପ୍ରତି ଯାହାଙ୍କର ଥିଲା ଆତ୍ମାର ଆକର୍ଷଣ, ସେଇ ପ୍ରକୃତିର ପ୍ରଶାନ୍ତ କୋଳରେ ପଡ଼ିଥିଲା ତାଙ୍କ ଚରିତ୍ରର ଶକ୍ତ ମୂଳଦୁଆ।

ଶିକ୍ଷାର୍ଜନବେଳେ ଯେଉଁ ବିଶ୍ୱ ପ୍ରସିଦ୍ଧ ଗୁରୁମାନଙ୍କ ସଂସ୍ପର୍ଶରେ ସେ ଆସିଥିଲେ ସେମାନେ ଥିଲେ ରମାନାଥ ମହାନ୍ତି, ବାମାଚରଣ ଦାସ, ବ୍ରଜବନ୍ଧୁ ମିଶ୍ର, ତ୍ରିବିକ୍ରମ ପତି, ଏଲ୍.ଏସ୍. ବୋଜାଙ୍କେ। ବୋଜାଙ୍କେ ଥିଲେ ପ୍ରଫେସର ହାର୍ଡିଙ୍କର ଗବେଷଣା ଛାତ୍ର ଏବଂ ରମାନାଥଙ୍କ ଗବେଷଣା ଗୁରୁ। ଏହି ଦୃଷ୍ଟିରୁ ସେ ଥିଲେ ହାର୍ଡି-ବୋଜାଙ୍କେ-ମହାନ୍ତି-ପତି ଗଣିତ ପରିବାରର ଜଣେ ସଦସ୍ୟ।

ସ୍ନାତକୋତ୍ତର ଗଣିତରେ ରେଭେନ୍‌ସା ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିବା, ୩୮ ବର୍ଷ କାଳ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ତଥା ଉଚ୍ଚତର ଗବେଷଣା ପାଇଁ ଲଣ୍ଡନ ବିଶ୍ୱବିଦ୍ୟାଳୟ ଓ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟକୁ ନିମନ୍ତ୍ରିତ ହେବା ଏବଂ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାରରେ ସମ୍ମାନିତ ହେବା, ସର୍ବୋପରି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇବା ପ୍ରଫେସର ଦାସଙ୍କ ବିରଳ କୃତିତ୍ୱର ପରିଚୟ ପ୍ରଦାନ କରିଥାଏ।

ଉପରୋକ୍ତ ଗାଣିତିକ ଜୀବନଚର୍ଯ୍ୟା ଭିତରେ ସମାନ୍ତରାଳ ଭାବେ ମାଟି ମାଆ, ପ୍ରକୃତି ଓ ସଙ୍ଗୀତରେ ଏକ ସ୍ୱୟଂସମ୍ପୂର୍ଣ୍ଣ ଜୀବନର ସନ୍ଧାନ ପାଇଥିଲେ ଗୁରୁଦେବ। ତାଙ୍କ ଅବସର ସମୟର ଅନୁଭବ ସବୁ ଜୀବନ୍ୟାସ ଲଭି କବିତା, ଗଳ୍ପ ଓ ପ୍ରବନ୍ଧ ଆକାରରେ ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନୀତ ହୋଇଆସୁଛି ଏଯାବତ୍। ଯଥେଷ୍ଟ ପାଠକୀୟ ଆଦର ମଧ୍ୟ ପାଉଛି। ସେହି ଅନୁଭୂତିସମ୍ପନ୍ନ କବିତାଗୁଡ଼ିକୁ ନେଇ ଆଜି ଆତ୍ମପ୍ରକାଶ କରିଛି "ମୋ ଗାଁ ମୋ ଜହ୍ନ ମୋ ମନ" କବିତା ସଂକଳନ। ଏହି ପ୍ରକାଶନରେ ବଡ଼ଭାଇ ମୀନକେତନ, ବାନ୍ଧବୀ ବନ୍ଦନା, ଉଲ୍ଲାସିନୀ, ଅନସୂୟା ଓ ବନ୍ଧୁ ଖୁଦିରାମଙ୍କର ବିଶେଷ ସହାୟତା ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ଏଥିରେ ସନ୍ନିବେଶିତ କବିତାଗୁଡ଼ିକ ପାଠକ ପାଠିକାଙ୍କୁ ଆମୋଦିତ କରିବା ସହ ଜୀବନ ଦର୍ଶନର ଏକ ନୂତନ ଦିଗ୍‌ବଳୟକୁ ଟାଣିନେବ, ଏ ବିଶ୍ୱାସ ରଖୁଛି।

-ସୂର୍ଯ୍ୟ ନାରାୟଣ ଦାଶ

Digitized by srujanika@gmail.com